ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.273 Bhubaneswar Sunday December 18 2022 | ୨୫ତମ ବର୍ଷ ସଂଖ୍ୟା-୨୭୩ ଭୁବନେଶ୍ୱର ରବିବାର, ଡିସେମ୍ବର ୧୮, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ .50 | (Air Surcharge - 0.50P) | Member-INS

## ରାଜ୍ୟ ସରକାର ବିରୁଦ୍ଧରେ ହେବ ନିର୍ଣ୍ଣାୟକ ଲଢ଼େଇ : ବିଜେପି



ରାଜ୍ୟ ସଭୁବନେଶ୍ୱର, ୧୭।୧୨(ପି.ଏନ) : ରାଜ୍ୟରେ ଚାଲିଥିବା ଜନବିରୋଧୀ ସରକାର ବିରୋଧରେ ନିର୍ଣ୍ଣାୟକ ଲଢ଼େଇ ହେବ । ଲୋକଙ୍କ ସହ ଦଳକୁ ଯୋଡି ରଖିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରର ବିଫଳତା ବିରୁଦ୍ଧରେ କ୍ରମାଗତ ଆନ୍ଦୋଳନ ହେବ । ଆଉ ତୃଣମୂଳସ୍ତରରେ ସଂଗଠନକୁ ସୁଦୃ? କରିବା ଉପରେ ବିଜେପି ଗୁରୁତ୍ୱ ଦେବ । କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ଓ ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ଆଜି ବିଜେପି ପଦାଧିକାରୀ ବୈଠକରେ ଏହି ସବୁ ନିଷ୍ପତ୍ତି ନିଆଯାଇଛି ।ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ବିଜେପି ନେଇଥିବା ନିଷ୍ପତ୍ତିର ପ୍ରକ୍ରିୟା ଆସନ୍ତାକାଲିଠୁ ଆରମ୍ଭ ହେବ । ତୃଣମୂଳସ୍ତରରେ ବିଜେପିର ଶକ୍ତି ବ?ିଛି, ତେବେ ଦଳକୁ କିଭଳି ତୃଣମୂଳସ୍ତରରେ ଅଧିକ ଶକ୍ତିଶାଳୀ କରିବା ସେ ନେଇ ଆଲୋଚନା ହୋଇଛି । ବିଜେଡି ରାଜ୍ୟରେ ବିକାଶରେ ବାଧକ ସାଜିଛି । ଚାଷୀଙ୍କୁ ଅବହେଳା, ଯୁବକଙ୍କୁ ବେକାରୀ, ମହିଳାଙ୍କୁ ଅତ୍ୟାଚାର ଓ ବ୍ୟଭିଚାର ବ୍ୟତୀତ ଏ ବିଜେଡି ସରକାର ଆଉ କିଛି ଦେଇନାହିଁ । ଦଳର ପଦାଧିକାରୀ ବୈଠକ ଓ ପରେ କୋର କମିଟି ବୈଠକରେ ଆଗାମୀ ଦିନ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ସହ ଏହା ଉପରେ ବିସ୍ତୃତ ଚର୍ଚ୍ଚା ହୋଇଛି । ଜନବିରୋଧୀ ରାଜ୍ୟ ସରକାରଙ୍କ ମିଛ ପ୍ରତିଶୃତି ଓ ପ୍ରତାରଣା ବିରୁଦ୍ଧରେ ବିଜେପି ଆଗାମୀ ଦିନରେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଲଢେଇକୁ ଆହୁରି ଶାଣିତ କରିବ । ଧାମନଗର ଓ ପଦ୍ମପୁର ବିଧାନସଭାର ଉପନିର୍ବାଚନ ଫଳାଫଳକୁ ନେଇ ସମୀକ୍ଷା କରାଯାଇଥିଲା । ଯାହା ଦୋଷ ଦୁର୍ବଳତା ରହିଛି ସେଗୁଡିକରେ ସୁଧାର ଅଣାଯିବ ।ସରକାର ବିରୁଦ୍ଧରେ ହେବ ନିର୍ଣ୍ଣାୟକ ଲଢ଼େଇ : ବିଜେପି

## ୩ ଘଣ୍ଟାର ଅପରେସନ ପରେ ଛାତ୍ରଙ୍କ ବେକରୁ ବାହାରିଲା ଜାଭେଲିନ୍



ବଲାଙ୍ଗି. ୧୭।୧୨(ପି.ଏନ): ୩ ଘଣ୍ଟାର ଅପରେସନ ପରେ ଛାତ୍ରଙ୍କ ବେକରୁ ସଫଳତାର ସହ ବାହାର କରାଗଲା ଜାଭେଲିନ୍ । ଅପରେସନ ପରେ ଏବେ ଛାତ୍ର ଜଣକ ସୁସ୍ଥ ଥିବା ଜଣାପଡ଼ିଛି । ପିଲାଟିକୁ ଓଉଟରେ ରଖାଯାଇଛି । ବଲାଙ୍ଗିର ଆଗଲପୁର ବାଳକ ହାଇସ୍କୁଲରେ କ୍ରୀଡା ବାର୍ଷିକୋତ୍ସବ ଚାଲିଥିବା ବେଳେ ଆଜି ଏହି ଅଘଟଣ ଘଟିଥିଲା । ଗୁରୁତର ଛାତ୍ର ଜଣକ ନବମ ଶ୍ରେଣୀର ସଦାନନ୍ଦ ମେହେର ।ବାର୍ଷିକ କ୍ରୀଡ଼ା ସମାରୋହ ପାଇଁ ସ୍କୁଲରୁ ଖେଳ ପଡିଆକୁ କିଛି ଛାତ୍ର ଜାଭେଲିନ୍ ନେଇ ଯାଉଥିବା ବେଳେ ଜଣେ ପିଲା ଜାଭେଲିନ୍ ଫିଙ୍ଗିଥିଲେ । ଏହି ସମୟରେ ଜାଭେଲିନ୍ ?ଟି ସ୍କୁଲର ନବମ ଶ୍ରେଣୀର ଛାତ୍ର ସଦାନନ୍ଦଙ୍କ ବେକରେ ପଶିଯାଇଥିଲା । ତାଙ୍କୁ ଗୁରୁତର ଅବସ୍ଥାରେ ତୁରନ୍ତ ଭୀମଭୋଇ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିଲା । ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ୩ ଘଣ୍ଟାର ପରିଶ୍ରମ କରି ସଦାନନ୍ଦଙ୍କ ବେକରୁ ଜାଭଲିନ୍ ବାହାର କରିଥିଲେ । ବେକରେ ଷ୍ଟିଜ୍ ପଡିଥିବାରୁ ସେ ତରଳ ଖାଦ୍ୟ ଖାଇବାକୁ ଡାକ୍ତରୀ ଟିମ୍ ? ପରାମର୍ଶ ଦେଇଛି ।ସେଠାରେ ଛାତ୍ରର ସମସ୍ତ ଚିକିତ୍ସା ଖର୍ଚ୍ଚ ଜିଲ୍ଲା ପ୍ରଶାସନ ବହନ କରୁଥିବା ବେଳେ ରେଡକ୍ରସ ପକ୍ଷରୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି । ତେଣେ ଅଘଟଣ ନେଇ ଦୁଃଖପ୍ରକାଶ କରବା ସହ ଆଶୁଆରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

## ପାକିସ୍ତାନ ବିଦେଶ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜରଦାରୀଙ୍କ କୁଶପୁତଳିକା ଦାହ କଲା ବିଜେପି ଯୁବମୋର୍ଚ୍ଚା

ଭୁବନେଶ୍ୱର, ୧୭।୧୨(ପି.ଏନ): ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୁଦ୍ଧରେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜରଦାରୀ ଅତ୍ୟନ୍ତ ଅସଭ୍ୟ ମନ୍ତବ୍ୟ ଦେଇଥିବାର ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛି ବିଜେପି ଯୁବମୋର୍ଚ୍ଚା । ଭାରତୀୟ ଜନତା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ରାମମନ୍ଦିରଠାରେ ବିଲାୱାଲ ଭୁଟ୍ଟୋ ଜରଦାରୀର କୁଶପୁତଳିକା ଦାହ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।ଏହାସହ ଅପରାହ୍ନରେ ଶ୍ରୀ ଆଚର୍ଯ୍ୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଓଡ଼ିଶାର ରାଜ୍ୟପାଳଙ୍କୁ ଭେଟି ପାକିସ୍ତାନର ବୈଦେଶିକ ମନ୍ତ୍ରୀ ବିଲାୱାଲ ଭୁଟ୍ଟୋ ଜରଦାରୀଙ୍କ ଭାରତ ପ୍ରତି ଦେଇଥିବା ତର୍କହୀନ, ଅପଶବ୍ଦ ଏବଂ ଲଜ୍ଜାଜନକ ବକ୍ତବ୍ୟ ବିରୁଦ୍ଧରେ ଏକ ଦାବିପତ୍ର ଦେଇଛନ୍ତି । ଏହି ପ୍ରତିନିଧି ଦଳରେ ମନୋଜ ପଶ୍ଚିମକବାଟ, ସ୍ମରଜିତ ମହାନ୍ତି, ହେମରଞ୍ଜନ ବାରିକ, ସଙ୍ଗ୍ରାମ କେଶରୀ ପାତ୍ର, ଆଶୁତୋଷ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଦଶକ ଦଶକ ଧରି ଆତଙ୍କବାଦ୍ ଏବଂ ଆତଙ୍କବାଦୀଙ୍କୁ ପାକିସ୍ଥାନ ଶରଣ ଦେଇଆସୁଛି । ଆଜି ପାକିସ୍ଥାନର ଆନ୍ତରିକ ସୁରକ୍ଷା, ଅର୍ଥନୀତି ଭୁଷୁଡି ଯାଇଛି । ସେହିପରି ୧୯୭୧ର ଯନ୍ତ୍ରଣାକୁ ଭୁଲି ନାହିଁ । ଅନ୍ୟ ପଟେ ଭାରତବର୍ଷର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱକୁ ସମଗ୍ର ବିଶ୍ୱ ଆଜି ଭୂୟସୀ ପ୍ରଶଂସା କରୁଥିବାବେଳେ ପାକିସ୍ଥାନୀ ବୈଦଶିକ ମନ୍ତ୍ରୀ ଜାତିସଂଘରେ ଦେଇଥିବା ଘୃଣ୍ୟ ଏବଂ ହୀନ ମନ୍ତବ୍ୟ ତାଙ୍କ ସଂକୀର୍ଣ୍ଣତା ଓ ଅସହିଷ୍ଣୁତାକୁ ପଦାରେ ପକାଇଛି ।

## ପଦ୍ମପୁର ମଡେଲ: ବିଜେଡି-ବିଜେପି ମୁହାଁମୁହିଁ, ବିଜେଡିର ୟୁ-ଟର୍ଣ୍ଣ



ଭୁବନେଶ୍ୱର. ୧୭।୧୨(ପି.ଏନ): ପଦ୍ମପୁର ଉପନିର୍ବାଚନ ଜିତିବାର ସେଲିବ୍ରେସନ୍ ପାଳନ ଦିନ 'ପଦ୍ମପୁର ମଡେଲ'କୁ ଆଗାମୀ ଦିନରେ ସବୁ ନିର୍ବାଚନମଣ୍ଡଳୀରେ ଲାଗୁ କରାଯିବ ବୋଲି ଦମ୍ଭୋକ୍ତି ବା?ିଥିବା ଶାସକ ବିଜେଡି ଆଜି ୟୁ-ଟର୍ଣ୍ଣ ମାରିଛି । ବିଜେଡିର ପଦ୍ମପୁର ଫର୍ମୂଲାକୁ ବିଜେପି ସମାଲୋଚନା କରିବା ସହ ଏହା ଦୁର୍ନୀତିର ମଡେଲ ବୋଲି କହିବା ପରେ ବିଜେଡି ଜାତୀୟ ମୁଖପାତ୍ର ସସ୍ମିତ ପାତ୍ର ବିକାଶ ଓ ସୁଶାସନ ହିଁ ବିଜେଡିର ମଡେଲ ବୋଲି କହିଛନ୍ତି ।ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଆଜି ଗଣମାଧମକୁ ପ୍ରତିକ୍ରିୟା ଦେଇ ବିଜେଡିର ପଦ୍ମପୁର ମଡେଲ ହେଉଛି ଦୁର୍ନୀତିର ମଡେଲ । ଲୋକେ ଏହାକୁ କଦାପି ସ୍ୱୀକାର କରିବେ ନାହିଁ । ଗୁଜୁରାଟ ମଡେଲ ହେଉଛି ଶ୍ରେଷ୍ଠ ସୁଶାସନ ମଡେଲ । ଯେଉଁଠି ଦଳ ୧୫୬ଟି ସିଟରେ ଜିତିଛି । ଗୁଜୁରାଟ ମଡେଲକୁ ସବୁ ଜାଗାରେ ଆଣିବାର ଆବଶ୍ୟକତା ଅଛି ବୋଲି ଶ୍ରୀମତୀ ଷଡଙ୍ଗୀ କହିଥିଲେ ।ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ କହିଥିଲେ ଯେ, ଧାମନଗର ଓ ପଦ୍ମପୁର ଉପନିର୍ବାଚନ ଆମକୁ ଶିକ୍ଷା ଦେଇଛି । ବିଜେପି ଏବେ ରାଜ୍ୟରେ ପ୍ରମୁଖ ବିରୋଧୀ ଦଳର ଭୂମିକାରେ ରହିଛି । ରାଜ୍ୟ ସରକାରଙ୍କ ଅପାରଗତା, ସ୍ଥାଣୁତା, ଭ୍ରଷ୍ଟାଚାରକୁ ପ୍ରମୁଖ ପ୍ରସଙ୍ଗ କରାଯିବ । ଲୋକମାନେ ମଧ୍ୟ ଆମଠୁ ଏହା ଅପେକ୍ଷା ରଖିଛନ୍ତି । ବିଜେଡି ପାଖରେ ପଦ୍ମପୁର ମଡେଲ ଥିଲେ ବିଜେପି ପାଖରେ ଧାମନଗର ମଡେଲ ଅଛି ।ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ତଥା ପଦ୍ମପୁରରେ ବିଜେପି ପ୍ରାର୍ଥୀ ପ୍ରଦୀପ ପୁରୋହିତ ଦୁଇପାଦ ଆଗେଇ ଯାଇ 'ପଦ୍ମପୁର ମଡେଲ'ର ଗୁମର ଖୋଲିଛନ୍ତି । ସେ ଖୋଲାଖୋଲି ଭାବେ ବିଜେଡିର ପଦ୍ମପୁର ମଡେଲ ଅର୍ଥ ହେଉଛି ଗୋଟିଏ ଆସନ ଜିତିବା ପାଇଁ ୧୦୦କୋଟି ଟଙ୍କା ଖର୍ଚ୍ଚ କରିବା, କଂଗ୍ରେସ ଭୋଟକୁ କିଣାବିକା କରିବା, ପୁଲିସ ଲଗାଇ ବିଜେପି କର୍ମୀମାନଙ୍କୁ ଧମକ ଦେବା, କଂଗ୍ରେସ ନେତାମାନଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ମ୍ୟାନେଜ କରିବା ହିଁ ହେଉଛି ବିଜେଡିର ପଦ୍ମପୁର ମଡେଲ ବୋଲି ସେ କହିଛନ୍ତି । ଏହାସହିତ ଶ୍ରୀ ପୁରୋହିତ ଅଭିଯୋଗ କରିଛନ୍ତି ଯେ ପଦ୍ମପୁରରେ କଂଗ୍ରେସ ସହ ବିଜେଡିର ଡିଲ୍ ହୋଇଥିଲା । ମନ୍ତ୍ରୀ ନବ ଦାସ ଏହି ଡିଲ୍ କରିଥିଲେ । କଂଗ୍ରେସ ନେତାଙ୍କ ସହ ୩ ଘଣ୍ଟା ଧରି ଆଲୋଚନା କରିଥିଲେ । କଂଗ୍ରେସ ଭୋଟ୍ ବିଜେଡିକୁ ଯିବା ପାଇଁ ପ୍ରାର୍ଥୀ ଚୟନ ପୂର୍ବରୁ ସବୁକିଛି ରୋଡମ୍ୟାପ୍ ପ୍ରସ୍ତୁତ ହୋଇଥିଲା ବୋଲି ସେ କହିଛନ୍ତି ।ତେବେ ବିଜେପି ଆଜି ବିଜେଡିର ପଦ୍ମପୁର ମଡେଲକୁ ଦୁର୍ନୀତିର ମଡେଲ କହି କଡା ସମାଲୋଚନା କରିବା ପରେ ରାଜ୍ୟସଭା ସାଂସଦ ତଥା ବିଜେଡି ମୁଖପାତ୍ର ସସ୍ମିତ ପାତ୍ର ଗଣମାଧମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ବିଜେଡି ସବୁବେଳେ ବିକାଶରେ ବିଶ୍ୱାସ କରେ । ବିଜେଡି କୌଣସି ନିର୍ବାଚନର ବିଜୟକୁ ମଡେଲ ଭାବେ ଗ୍ରହଣ କରେ ନାହିଁ । ସବୁବେଳେ ଲୋକଙ୍କ ବିକାଶ ଉପରେ ଗୁରୁତ୍ୱ ଦିଏ । ୨୨ବର୍ଷ ଧରି ଓଡିଶାବାସୀଙ୍କ ସେବା ବିଜେଡି କରି ଆସୁଛି । ଫାଇଭ-ଟି, ମୋ ସରକାର ଆଦି ହେଉଛି ରାଜ୍ୟ ସରକାରଙ୍କ ସୁଶାସନର ମଡେଲ । ଦେଶରେ ଓଡିଶା କେମିତି ଏକ ନମ୍ବର ମଡେଲ ହୋଇପାରିବ ତାହା ରାଜ୍ୟ ସରକାରଙ୍କ ଲକ୍ଷ୍ୟ । ତେଣୁ ନିର୍ବାଚନର ବିଜୟକୁ ସୁଶାସନର ମଡେଲ ଭାବେ ବିଜେପି ଗ୍ରହଣ ନକରୁ ବରଂ ଓଡିଶାବାସୀଙ୍କ ସେବା ପାଇଁ ସୁଶାସନର ମଡେଲକୁ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

ସୂଚନାଯୋଗ୍ୟ, ଗତ ୩ଦିନ ତଳେ ନବୀନ ନିବାସରେ ପଦ୍ମପୁର ଉପନିର୍ବାଚନ ଫଳାଫଳ ସମୀକ୍ଷା ପରେ ବିଜେଡି ନେତାମାନେ ଆଗାମୀ ନିର୍ବାଚନରେ 'ପଦ୍ମପୁର ମଡେଲ'କୁ ଉପଯୋଗ କରାଯିବ ବୋଲି ଗଣମାଧମକୁ ପ୍ରତିକ୍ରିୟା ଦେଇ କହିଥିଲେ ।

## କଟକ ରେଳ ଷ୍ଟେସନର ଡିଜାଇନ୍ ଉପରେ ଜନମତ ଲୋଡିଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୭।୧୨(ପି.ଏନ): ବଦଳିବ କଟକ ରେଳ ଷ୍ଟେସନର ଚେହେରା । କେନ୍ଦ୍ର ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଟ୍ୱିଟରରେ କଟକ ରେଳ ଷ୍ଟେସନର ଡିଜାଇନ୍ ଅପଲୋଡ୍ କରିଛନ୍ତି ଏବଂ ପ୍ରସ୍ତାବିତ ଡିଜାଇନ୍ ଉପରେ ଜନମତ ମାଗିଛନ୍ତି । ଡିଜାଇନ୍ କଟକ ବାରବାଟୀ ଦୁର୍ଗ ସ୍ଥାପତ୍ୟର ବିଷୟବସ୍ତୁ ଉପରେ ଅନୁପ୍ରାଣିତ । ଡିଜାଇନ୍ ଥିମ୍ ଉପରେ ରେଟିଂ ଦେବାକୁ କେନ୍ଦ୍ରମନ୍ତ୍ରୀ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ।

## ବିଜେଡିର ମଡେଲ ହେଉଛି ଓଡିଶାର ସାଢେ ୪କୋଟି ଲୋକଙ୍କ ସେବା : ସସ୍ମିତ ପାତ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୭।୧୨(ପି.ଏନ): ଉପନିର୍ବାଚନ କଦାପି ରାଜନୀତି କିମ୍ବା ଶାସନ ପାଇଁ ମଡେଲ ନୁହେଁ । ବିଜୁ ଜନତା ଦଳ ପାଇଁ ଶାସନର ମଡେଲ ହେଉଛି ଓଡିଶାର ସାଢେ ୪କୋଟି ଲୋକଙ୍କର ସେବା କରିବା ସହିତ ଓଡିଶାକୁ ଦେଶର ଏକ ନମ୍ବର ରାଜ୍ୟରେ ପରିଣତ କରିବା । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପନିର୍ବାଚନ ମଡେଲ ମନ୍ତବ୍ୟର ଜବାବରେ ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ କହିଛନ୍ତି ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ର ଆଜି । ଶନିବାର ଦିନ କେନ୍ଦ୍ରମନ୍ତ୍ରୀ ଗଣମାଧମକୁ କହିଥିଲେ ଯେ ବିଜେଡିର ପଦ୍ମପୁର ମଡେଲ ଥିଲେ ବିଜେପିର ଧାମନଗର ମଡେଲ ଅଛି ।

## ଧାମନଗର ମଡେଲକୁ ନେଇ ଦଳ ନିର୍ବାଚନ ଲଢିବ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୭।୧୨(ପି.ଏନ): ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ରାଜ୍ୟ ସରକାରଙ୍କ ଅପାରଗତା, ସ୍ଥାଣୁତା, ଭ୍ରଷ୍ଟାଚାରକୁ ବିଜେପି ପ୍ରମୁଖ ପ୍ରସଙ୍ଗ କରିବ ବୋଲି ଗଣମାଧମକୁ ପ୍ରତିକ୍ରିୟା ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଓ ରାଜ୍ୟ ପଦାଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଯୋଗ ଦେବା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଧାମନଗର ଓ ପଦ୍ମପୁର ଉପନିର୍ବାଚନ ଉଭୟ ଗୁଡିଏ ବିଷୟରେ ୨୦୨୪କୁ ସାମ୍ନା କରିବା ପାଇଁ ଭାରତୀୟ ଜନତା ପାର୍ଟିକୁ ଶିକ୍ଷା ଦେଇଛି । ଆମ ପାଖରେ ଧାମନଗର ମଡେଲ ଅଛି । ବିଜେପି ଓଡ଼ିଶାର ପ୍ରମୁଖ ବିରୋଧୀ ଦଳ ଭାବେ ଉଭା ହୋଇଛି । ଆଗାମୀ ନିର୍ବାଚନରେ ଲୋକମାନଙ୍କର ଦଳ ପାଖରୁ ଥିବା ଅପେକ୍ଷା ଅନୁଯାୟୀ ଓଡ଼ିଶା ସରକାରଙ୍କ ଅପାରଗତା, ସ୍ଥାଣୁତା, ଭ୍ରଷ୍ଟାଚାରକୁ ପ୍ରମୁଖ ପ୍ରସଙ୍ଗ କରାଯିବ ।

## ଅର୍ଚ୍ଚନା ନାଗ ମାମଲାରେ ଦୁଇ ସୁନା ବ୍ୟବସାୟୀଙ୍କ ଠାରୁ ତଥ୍ୟ ହାତେଇଲା ଇଡି





ଭୁବନେଶ୍ୱର, ୧୭।୧୨(ପି.ଏନ): ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ମାମଲାରେ ଦୁଇ ଜଣ ସୁନା ଦୋକାନୀ କର୍ମଚାରୀଙ୍କୁ ଇଡିର ପଚରାଉଚରା । ଅର୍ଚ୍ଚନା ନାଗ ଓ ସ୍ୱାମୀ ଜଗବନ୍ଧୁ ଚାନ୍ଦ କେବେ ଓ କେତେ ସୁନା କିଣିଥିଲେ ସେସବୁର ଡକ୍ୟୁମେଣ୍ଟ ଆଜି କର୍ମଚାରୀଙ୍କ ଦ୍ୱାରା ଦାଖଲ କରିଛନ୍ତି ସୁନା ବ୍ୟବସାୟୀ । ଦୁଇଟି ପ୍ରତିଷ୍ଠିତ ଜୁଏଲାରୀ ଶୋରୁମଠାରୁ ଏହି ତଥ୍ୟ ନେଇଛି ଇଡି । କେବେ ଓ କେତେ ଥର ଓ କେତେ ଟଙ୍କାର ସୁନା କିଣିଥିଲେ ନାଗ ଚାନ୍ଦ ଦମ୍ପତ୍ତି ଏନେଇ ତଥ୍ୟ ଦେଇଛନ୍ତି ସୁନା ଦୋକାନ କର୍ମଚାରୀ । ତେଣୁ ଏଥିରୁ ଇଡି ଆଉ କିଛି ସୁରାକ ପାଇବ ବୋଲି ଚର୍ଚ୍ଚା ହେଉଛି ।କାରଣ ଆଜିକୁ ପ୍ରାୟ ମାସେ ବିତିଗଲା ସତ କାଢ଼ିବାକୁ ଶତ ଚେଷ୍ଟା କରୁଛି ଇଡ଼ି । କିନ୍ତୁ ରିମାଣ୍ଡରେ ଥାଇ ବି ମୁହଁ ଖୋଲିବାକୁ ନାରାଜ ନାଗ-ଚାନ୍ଦ ଦଂପତି । ଯାହାକୁ ନେଇ ନାକେଦମ୍ ହୋଇଥିବା ଇଡ଼ି, ହନିଟ୍ରାପ୍ କପୁଲ୍ ? ଅସମ୍ଭବ ନୀରବତାକୁ ଭାଙ୍ଗିବା ପାଇଁ ଶ୍ରଦ୍ଧାଞ୍ଜଳିକୁ ଅସ୍ତ୍ର କରିଛି । ଆଜି ଅର୍ଚ୍ଚନା-ଶ୍ରଦ୍ଧାଞ୍ଜଳି- ଜଗବନ୍ଧୁଙ୍କୁ ମୁହାଁମୁହିଁ ଜେରା କରୁଛି ଇଡି । ଜେରା ବେଳେ ଅର୍ଚ୍ଚନା ଅସୁସ୍ଥ ଅନୁଭବ କରୁଥିବା କହିବାରୁ ଡାକ୍ତରଙ୍କୁ ଡକା ଯାଇଛି । ତେବେ ଜେରା ଏଡ଼ାଇବାକୁ ଅର୍ଚ୍ଚନା ଅସୁସ୍ଥତା ବାହାନା ଦେଖାଉଥିବା ଚର୍ଚ୍ଚା ହେଉଛି ।

ଏସବୁ ଭିତରେ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଡିଜିଟାଲ୍ ଏଭିଡିଏନ୍ସ ହସ୍ତାନ୍ତର ପାଇଁ ରାଜ୍ୟ ଫରେନ୍ସିକ୍ ଲ୍ୟାବ୍ କୁନ୍ଥକୁନ୍ଥ ହେଉଥିବା ଜଣାପଡିଛି । ହେଲେ କାହିଁକି ? ତାକୁ ନେଇ ଛିଡ଼ା ହୋଇଛି ବଡ଼ ପ୍ରଶ୍ନ । ଗତ କିଛିଦିନ ତଳେ ଖଣ୍ଡଗିରି ପୁଲିସ କୋର୍ଟରେ କେବଳ ସିଜର୍ ଲିଷ୍ଟ ଦାଖଲ କରିଥିଲା । ହେଲେ ତାଲିକାରେ ଥିବା ମୋବାଇଲ୍, ଲ୍ୟାପଟପ୍, ପେନ୍ ?ଡ୍ରାଇଭ୍, ହାର୍ଡଡିସ୍କ ଆଦିକୁ ଯାଞ୍ଚ ପାଇଁ ରାଜ୍ୟ ଫରେନ୍ସିକ୍ ଲ୍ୟାବ୍ ?କୁ ପଠାଯାଇଥିଲେ ବି ନା ରିପୋର୍ଟ ଦାଖଲ ହେଉଛି ନା ସେଥିରୁ ମିଳିଥିବା ତଥ୍ୟ ସମ୍ପର୍କରେ ସୁରାଗ୍ ମିଳୁଛି । ଇଡ଼ି ପକ୍ଷରୁ ଦୁଇ ଦୁଇ ଥର ଷ୍ଟେଟ୍ ଫରେନ୍ସିକ୍ ଲ୍ୟାବ୍ ?କୁ ଚିଠି ବି କରାଯାଇଛି । ତଥ୍ୟ ନମିଳିବାରୁ କାଲି ଏକ ଟିମ ବି ଯାଇଥିଲା, କିନ୍ତୁ ନିରାଶ ହୋଇଛି । ଏହାରି ଭିତରେ ବଡ଼କଷ୍ଟରେ ଖଣ୍ଡଗିରି ଥାନାରୁ ଅର୍ଚ୍ଚନାଙ୍କ ଦୁଇ ଦୁଇଟି ଡାଏରୀ ହାତେଇଛି ଇଡ଼ି । କୁହାଯାଉଛି, ଏଥିରେ ପ୍ରଭାବଶାଳୀଙ୍କ ନାଁ ଓ ଆର୍ଥିକ କାରବାର, ହନିଟ୍ରାପ୍ ?ର ଗୁପ୍ତ ତଥ୍ୟ ଥାଇପାରେ । ଯାହାକୁ ନେଇ ବଡ଼ବଡିଆଙ୍କ ଛାତି ଏବେ ଧଡ଼ଧଡ଼ ।

## ଡିଏମଏଫ ଫଣ୍ଡରୁ ଆରଏମସିକୁ ଆସିଥିବା ୭୦ ଖଣ୍ଡ ବସ୍ ର ପତା ମିଳୁନି, ପୁଣି ଆସିବ ୧୦୦ ବସ୍

ରାଉରକେଲା, ୧୭।୧୨(ପି.ଏନ): ରାଉରକେଲା ମହାନଗର ନିଗମକୁ ଜିଲ୍ଲା ଖଣିଜ ପାଠିଂରୁ ୩ ବର୍ଷ ତଳେ ଆସିଥିବା ୭୦ ଖଣ୍ଡ ବସ ର କିଛି ଦିନ ହେଲା ଖୋଜ ଖବର ମିଳୁନି, ଆରଏମସିର ଟ୍ରାନ୍ସପୋର୍ଟ ବିଭାଗ କହୁଛି ଏନେଇ ଆମେ କିଛି ଜାଣିନୁ, ହେଲେ ବସ ସବୁ ଗଲା କୁଆଡେ ସେନେଇ ଜିଲ୍ଲାପ୍ରଶାସନ ଉତର ରଖିପାରୁ ନଥିବା ବେଳେ ପୁଣି ୧୦୦ ଖଣ୍ଡ ବସ ସହରକୁ ମୋ ବସ ଯୋଜନାରେ ଆସିବାକୁ ଯାଉଥିବା ଖବର ମିଳିଛି ।ଅନୁସନ୍ଧାନରୁ ଜଣାପଡିଛି ଯେ, ରାଉରକେଲାରୁ ଗ୍ରାମାଂଚଳ ଲାଗି ଯାତାୟତ ନେଇ ୩ ବର୍ଷ ତଳେ ଜିଲ୍ଲା ଖଣିଜ ପାଠିଂରୁ ୭୦ ଖଣ୍ଡ ବସ ମହାନଗର ନିଗମକୁ ପ୍ରଦାନ କରାଯାଇଥିଲା । ଏହି ସବୁ ବସ ସହରରୁ ବିଭିନ୍ନ ଗ୍ରାମାଂଚଳକୁ ଯାତାୟତ କରୁଥିଲା, ଲୋକେ ଏଥିରେ ଉପକୃତ ମଧ୍ୟ ହେଉଥିଲେ, ହେଲେ ଗତ କିଛିଦିନ ହେଲା ସେହି ସବୁ ବସ କୁଆଡେ ଗଲା ତାର ଖୋଜ ଖବର ମିଳୁନାହିଁ । ଏନେଇ ଆରଟିଆଇରେ ତଥ୍ୟ ମଗାଜିବାରୁ ଆରଏମସି କହୁଛି ତା ନିକଟରେ ଏନେଇ କିଛି ଖବର ନାହିଁ, ତେବେ କୋଟି କୋଟି ଟଙ୍କାର ଏହି ବସ ସବୁ କୁଆଡେ ଗଲା, ଏହା ଦାୟିତ୍ୱରେ କିଏ ଥିଲେ ଯଦି ଡିଏମଏଫ ବସ ଦେଇଛି ସେ ସବୁ ଚାଲୁଥିଲା ତେବେ ହଠାତ ଏଭଳି ଉଭାନ କେମିତି ହୋଇଗଲା ବୋଲି ପ୍ରଶ୍ନ ହେଉଛି । ଖବରରୁ ଜଣାପଡିଛି ଯେ, ସେତେବେଳେ ବସ ପିଛା ପ୍ରାୟ ୩୦ ଲକ୍ଷ ହିସାବରେ ୭୦ ଖଣ୍ଡ ବସ ଲାଗି ପ୍ରାୟ ୨୧ରୁ ୨୨ କୋଟି ବିନିଯୋଗ ହୋଇଥିଲା, ପରେ କିଛିଦିନ ଏସବୁ ବସ ଚାଲିବା ପରେ ରାଉରକେଲାର ଜଣେ ବସ ମାଲିକଙ୍କୁ କୁଆଡେ ଏସବୁ ବସ୍ ଚଲାଇବା ଲାଗି ଦିଆଯାଇଥିଲା, ସେଥିଲାଗି ତାଙ୍କୁ ଆରଏମସିରୁ ଅର୍ଥ ପ୍ରଦାନ କରାଯାଉଥିଲା । ଏହି ସବୁ କାରବାର ଆରଏମସିରେ ଥିବା ପିଏମୟୁ ୟୁନିଟ ବୁଝାସୁଝା କରୁଥିଲା । ଏହି ୟୁନିଟକୁ ଏଠାରେ କିଛି ଆଇଏଏସ ବାବୁ ମାନଙ୍କୁ କରିବା ଲାଗି ରଖାଜିବା ସହ ଆରଏମସିରେ ହେଉଥିବା ବିଭିନ୍ନ କାମରେ ଏହି ୟୁନିଟର କାର୍ଯ୍ୟ ସନ୍ଦେହଘେରରେ ରହିଛି । କୌଣସି ଆବଶ୍ୟକତା ନଥାଇ କେବଳ କିଛି ବାବୁ ମାନଙ୍କ ମନ ରଖିବା, ଭିତିରି କାରା, କିଛି ବାବୁଙ୍କୁ ବାର କ୍ଲବରେ ମଜା ଦେବା ଓ ଚୁଗୁଲି ଲାଗି ଏହି ୟୁନିଟ ଏଠାରେ ରଖାଜିବା ସହ ଲକ୍ଷ ଲକ୍ଷ ଟଙ୍କା ଶ୍ରାଦ୍ଧ କରାଯାଉଥିବା କୁହାଯାଉଛି । ଏବେ ବସ ଯୋଜନା କଥାରେ ମଧ୍ୟ ଏହି ୟୁନିଟ କଥା ଆସିଲାଣି, ହେଲେ ବାବୁ ମାନେ ଏନେଇ ପୁରା ନିରବ ଥିବା ବେଳେ ରାଉରକେଲା ଭିଜିଲାନ୍ସ ଏ ଦିଗରେ ତଦନ୍ତ କରିବାକୁ ଦାବି ହେଉଛି ।

## ସହକାରୀ ଯନ୍ତ୍ରୀଙ୍କ ଅମାପ ସଂପତ୍ତି, ଭିଜିଲାନ୍ସ ଜାରି ରଖିଛି ରେଡ୍





ମୋହନା/ବ୍ରହ୍ମପୁର, ୧୭।୧୨(ପି.ଏନ):କ ସହକାରୀ ଯନ୍ତ୍ରୀଙ୍କ ସଂପତ୍ତି ଦେଖି ଟେରା ହୋଇଗଲା ଭିଜିଲାନ୍ସ । ଆହବରହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆଧାରରେ ଚଢାଉ ବେଳେ ବାହାରିଲା ୧୧ଟି ପ୍ଲଟ, ଗୋଟିଏ ଫ୍ଲାଟ, ୩୪୫ ଗ୍ରାମ ସୁନା ଓ ୨ ଲକ୍ଷ ୭୨ ହଜାର ନଗଦ ଟଙ୍କା । ଏହି ଯନ୍ତ୍ରୀ ଜଣକ ଗଜପତି ଜିଲ୍ଲା ଛେଳିଗଡ଼ ଜଳସେଚନ ପ୍ରକଳ୍ପ ସହକାରୀ ଯନ୍ତ୍ରୀ ଦିଲ୍ଲୀପ କୁମାର ସାହୁ ।ଆଜି ତାଙ୍କ ଘର ସମେତ ୪ଟି ସ୍ଥାନରେ ଚଢାଉ କରି ଅଚଳାଚଳ ସଂପତ୍ତିର ସୁରାକ ପାଇଛି ଭିଜିଲାନ୍ସ । ବ୍ରହ୍ମପୁର ଗୋପବନ୍ଧୁ ନଗରରେ ଥିବା ତାଙ୍କ ବାସ ଭବନ ଓ ଜ୍ୟୋତି ନଗରରେ ଚଢ଼ାଉ କରିବା ସହ ଛେଳିଗଡ ଜଳ ସେଚନ ପ୍ରକଳ୍ପ ସ୍ଥିତ ତାଙ୍କ ସରକାରୀ କ୍ୱାର୍ଟର୍ସରେ ଚଢ଼ାଉ ବେଳେ ଭିଜିଲାନ୍ସକୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିଲା । ଜବତ ତାଲିକାରେ ଗୋଟିଏ କାର୍ ଏବଂ ଦୁଇଟି ଦୁଇଚକିଆ ଥିବା କହିଛନ୍ତି ବ୍ରହ୍ମପୁର ଭିଜିଲାନ୍ସ ଏସ୍ ?ପି । ଏବେ ସୁଦ୍ଧା ମୋଟ ସଂପତ୍ତିର ଆକଳନ ହୋଇନଥିବା ବେଳେ, ସଂପତ୍ତିର ପରିମାଣ ବଢିପାରେ ବୋଲି କୁହାଯାଉଛି । ଏହି ଚଢ଼ାଉରେ ଭିଜିଲାନ୍ସ ବିଭାଗ ଜଣେ ଅତିରିକ୍ତ ଏସ୍ ?ପି, ୫ ଜଣ ଇନ୍ସପକ୍ଟର, ଦୁଇ ଜଣ ଏଏସଆଇ ସାମିଲ ହୋଇଛନ୍ତି ।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନଓ୍ୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ୱର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୨, ଡିସେମ୍ବର ୧୮

# ଯଦି କିଛି ଲେଖୁଛନ୍ତି...



ମୂଲ୍ୟହୀନ ଭାବଧାରା, ଅସଂଯତ ଆତ୍ମପ୍ରକାଶ, ଅବାନ୍ତର ଯୁକ୍ତି, ସର୍ବଜ୍ଞାତ ବିଷୟ, ବେତାଲିଆ ଭାଷା, ନିର୍ବୋଧ ପ୍ରଳାପ, ଚଟୁକାରି ମନ୍ତବ୍ୟ, ସାମ୍ପ୍ରଦାୟିକ ମତ, ବାଚଳ ପ୍ରକାଶ, ଅଲୌକିକ ଦର୍ଶନ ସହିତ ପୂର୍ବରୁ ଘଟିଯାଇଥିବା ଐତିହାସିକ ଘଟଣାବଳୀଗୁଡ଼ିକର ବ୍ୟାପକ ପ୍ରଚରଜନିତ ଆଲେଖ୍ୟ ଗୁଡ଼ିଏ ମନକୁ ଅନାକୃଷ୍ଟ କରୁଥିବା ତଥା ଜ୍ଞାନର ନୂତନତାର ଅଭାବ କାରଣରୁ ଆଜି ସମୟରେ ପାଠକଙ୍କୁ ନିରୁତ୍ସାହିତ କରୁଥିବା ଦେଖିବାକୁ ମିଳୁଛି । ସମ୍ଭବତଃ ଉତ୍ତମ ଚରିତ୍ର ତଥା ଗୁଣାତ୍ମକ ଜ୍ଞାନର ଅଭାବ ହେତୁ ନିଜସ୍ୱ ଦେଖାଣିଆ ମନୋଭାବର କେତେକ ଆଲେଖ୍ୟ, କବିତା, ପ୍ରବନ୍ଧ ପ୍ରକାଶ ସାଧାରଣ ଜନମାନସକୁ ବିଚଳିତ କରି ପଢ଼ା ପ୍ରତି ଏକରକମ ଘୃଣା, ଅନାଗ୍ରହ ଭାବଧାରା ସୃଷ୍ଟି ହେଉଥିବା କାରଣରୁ ସାମାଜିକ କୁସଂସ୍କାର ଦିନକୁ ଦିନ ବଢ଼ିବାରେ ଲାଗିଛି । ଲେଖକ ନିଜକୁ ସନ୍ତୁଳିତ ଅବସ୍ଥାରେ ରଖି ପ୍ରକୃତ ଜ୍ଞାନବର୍ଦ୍ଧିଷ୍ଣୁ ଉପାଦେୟ ତଥ୍ୟ ଉପରେ ଆଧାରିତ ତତ୍ତ୍ୱ, ତଥ୍ୟଗୁଡ଼ିକ ଉପରେ ବିଶେଷ ଜ୍ଞାନ ପ୍ରାପ୍ତି କରିବା ପରେ ସାମାଜିକ ମଙ୍ଗଳ ଉଦ୍ଦେଶ୍ୟ ରଖି ଲେଖିବା ପ୍ରୟାସ କଲେ ହୁଏତ ପାଠକ ମନକୁ ଆକର୍ଷିତ କରିବା ସଂଗେ ସଂଗେ ସମାଜରେ ଜ୍ଞାନ ବିତରଣ କରାଯାଇପାରିବ । ଅନ୍ୟଥା ନିଜର ନାମକୁ କେବଳ ଗଣମାଧ୍ୟମରେ ପ୍ରଚର ମୁଖରିତ କରିବା ଉଦ୍ଦେଶ୍ୟ ରଖି ଲେଖାଯାଉଥିବା ଆଲେଖ୍ୟ ଦ୍ୱାରା ପାଠକଙ୍କ ମନରେ ପଢ଼ା ପ୍ରତି ଅନାକର୍ଷ ଭାବ ଜାଗ୍ରତ ହେବା ନିଶ୍ଚିତ ।

ଅନେକ ସମୟରେ ଦେଖିବାକୁ ମିଳୁଛି ଯେ ଲେଖକ କେବଳ ନିଜକୁ ଯାହା ଭଲ ଲାଗେ ତାହାରି ଉପରେ ଯଥେଷ୍ଟ ଗୁରୁତ୍ୱ/ମନ୍ତବ୍ୟ ଦେଇ କେତେକ ଲେଖା ପ୍ରକାଶିତ କରିଥା'ନ୍ତି । ତାହାଦ୍ୱାରା ସର୍ବଜନଆଦୃତତା ଭାବ ସୃଷ୍ଟି ନହୋଇ କେହି କେହି ସେଗୁଡ଼ିକୁ ଅନିଚ୍ଛା ସତ୍ତ୍ୱେ ପାଠ କଲାପରେ ନିରୁତ୍ସାହିତ ହେଉଥିବା ବେଳେ ଅନ୍ୟାନ୍ୟ ଲେଖାଗୁଡ଼ିକ ନପଢ଼ି ସମଭାବ ପ୍ରଦର୍ଶନ କରିଥା'ନ୍ତି । ଅତଏବ ସାମାଜିକ ସଂସ୍କାର ତଥା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଲିଖିତ ଗୁରୁତ୍ୱପୂର୍ଣ୍ଣ ଲେଖାଗୁଡ଼ିକ କେବଳ ପୋଥିଗତ ବିଦ୍ୟା ହୋଇ ରହିଯାଇଥାଏ, ଯାହା ସମାଜର ମଙ୍ଗଳ ଦିଗରେ ଲାଗିପାରେ ନାହିଁ । ମୁଖ୍ୟତଃ ସାମାଜିକ ରୀତିନୀତି, ପର୍ବପର୍ବାଣି, ରାଜନୈତିକ, ଖେଳ ଖବର, ଜୀବନ କାହାଣୀ, ଐତିହାସିକ କାହାଣୀ, ଅଲୌକିକ ବିଚର, ସାମ୍ପ୍ରଦାୟିକ ବିଚରଭାବ, ବିଭିନ୍ନ ବାବା, ଗୁରୁ ତଥା ସମ୍ପ୍ରଦାୟିକ, ଧାର୍ମିକ ସଂସ୍ଥାନ ଇତ୍ୟାଦି ଉପରେ ଆଧାରିତ ଆଲେଖ୍ୟଗୁଡ଼ିକ ପ୍ରତି କାହାରି ଆଗ୍ରହ ନରହିବା ସ୍ୱାଭାବିକ । କାରଣ ସେହିସବୁ ବିଷୟଗୁଡ଼ିକ ବିଭିନ୍ନ ଗଣମାଧ୍ୟମ, ପୁସ୍ତକମାଧ୍ୟମଗୁଡ଼ିକରେ ବାରମ୍ବାର ପ୍ରଚର ପ୍ରସାର ହୋଇ ସମସ୍ତ ଜନମାନସର ଜ୍ଞାତସାରରେ ରହିଥାଏ । କିନ୍ତୁ ନୂତନ ସାମାଜିକ ବ୍ୟବସ୍ଥା, ମାନବିକ ଆଚରଣ, ଭୌଗୋଳିକ ଉପାଦେୟ ତଥ୍ୟ, ଶରୀର ବିଜ୍ଞାନ, ସାମାଜିକ ଆଇନ କାନୁନ, କୃଷି, ଶିକ୍ଷା, ମାନସିକ, ଦାର୍ଶନିକ, ମନସ୍ତାତ୍ତ୍ୱିକ ତତ୍ତ୍ୱ, ଭାଷା ସାହିତ୍ୟ, ବୈଜ୍ଞାନିକ ତତ୍ତ୍ୱ, ତଥ୍ୟ ତଥା ନୂତନ ଆବିଷ୍କାର, ଉଦ୍ଭାବନ ଓ ସାଧାରଣ ମଣିଷଙ୍କ ସାର୍ବଜନୀନ ହିତ ଉଦ୍ଦେଶ୍ୟରେ ଅଙ୍କ ବିଷୟ ଉପରେ ଆଧାରିତ ଆଲେଖ୍ୟଗୁଡ଼ିକୁ କୌଣସି ପାଠକ ପ୍ରତ୍ୟାଖ୍ୟାନ କରିପାରିବେ ନାହିଁ, କାରଣ ସେଗୁଡ଼ିକ ସମସ୍ତଙ୍କୁ ଜୀବନର କୌଣସି ସମୟରେ ଆବଶ୍ୟକ ପଡ଼ିପାରେ । ତେଣୁ ଲେଖକ କୌଣସି ବିଷୟ ଉପରେ ଲେଖିବା ପୂର୍ବରୁ ନିଜ ଭାବଧାରାକୁ ଆକର୍ଷିତ କରୁଥିବା ବିଷୟ ଉପରେ କମ୍ ଏବଂ ସମାଜର ହିତ ସାଧନ ହେଉଥିବା ଭଳି ଲକ୍ଷ୍ୟ ଉପରେ ଅଧିକ ପ୍ରାଧାନ୍ୟତା ଦେଇ ଲେଖିଲେ ହୁଏତ ଆମର ଛପା ମାଧ୍ୟମଗୁଡ଼ିକ ଅଧିକ ଆକର୍ଷିତ ହୋଇପାରିବ ଏବଂ ପାଠକ କିଛି ଜ୍ଞାନ ପାଇପାରିବେ ବୋଲି ଆମ ବିଚର ।

ଆଜି ସମୟରେ ଅନେକ ମଣିଷ କେବଳ ନିଜର ମିଥ୍ୟା ପ୍ରତିଭାକୁ ପ୍ରକାଶ କରିବା ଲକ୍ଷ୍ୟ ରଖି ଯାହାତାହା କିଛି ଲେଖି କବିତା, ଗଳ୍ପ, ପ୍ରବନ୍ଧ ଇତ୍ୟାଦି ସମାଜରେ ବିତରଣ କରୁଥିବା ଦେଖିବାକୁ ମିଳୁଛି, ଯାହାସବୁ ସମ୍ପୂର୍ଣ୍ଣ ରୂପେ ମୂଲ୍ୟହୀନ ହୋଇଥାଏ । ଅନେକ ସମୟରେ ସାର୍ବଜନୀନ ହୋଇ ହାଟରେ ପଡ଼ି ଦାଣ୍ଡରେ ଗଡ଼ୁଥିବା ବିଷୟଗୁଡ଼ିକ ଉପରେ ବ୍ୟାପକ ଆଲେଖ୍ୟଗୁଡ଼ିକ ଦେଖିଲେ ହୁଏତ ପାଠକଙ୍କ ମୁଣ୍ଡବିନ୍ଧା ହେଉଥିବ ବୋଲି ଅନୁମାନ ହୁଏ ଆମର । କୌଣସି ବିଷୟ ଉପରେ ଲେଖି ସାର୍ବଜନୀନ କରିବା ଲକ୍ଷ୍ୟ ରଖିଥିବା ମଣିଷଟି ଦଶଦିଗ ଚିନ୍ତା କରି ଲେଖିବା ଆବଶ୍ୟକ । ଲେଖାଗୁଡ଼ିକର ଭାଷାତତ୍ତ୍ୱ ଏବଂ ଦର୍ଶନତତ୍ତ୍ୱ ଉଭୟ ଚିତାକର୍ଷକ ହୋଇଥିଲେହିଁ ତାକୁ ଗୋଟିଏ ଉପାଦେୟ ଆଲେଖ୍ୟ ବୋଲି କୁହାଯାଇପାରିବ । ଲେଖାଟିଏ ଲେଖିବା ପୂର୍ବରୁ ଚିନ୍ତା କରିବାକୁ ହେବ ଯେ ସମ୍ପୃକ୍ତ ଲେଖାଟିର ଉପଯୁକ୍ତତା, ଯୌକ୍ତିକତା କେତେ ? ଲେଖାଟି ପଢ଼ିବା ଦ୍ୱାରା ପାଠକର କୌଣସି ଚେତନା ଜ୍ଞାନ ଆହରଣ ହେବ କି ନାହିଁ ? ସାମାଜିକ ମଙ୍ଗଳ ଦିଗରେ ତାହା ନିୟୋଜିତ ହୋଇପାରିବ କି ନାହିଁ ? ପାଠକଙ୍କୁ ଆକର୍ଷିତ କରିବ କି ନାହିଁ ? ଲେଖାଯାଉଥିବା ବିଷୟଟିର କୌଣସି ସତ୍ୟତା ଅଛି କି ନାହିଁ ? କିଏ ପଚରିଲେ ଉପଯୁକ୍ତ ଉତ୍ତର ଦେଇ ପାରିବା କି ନାହିଁ ? ଲେଖାଟି କୌଣସି ସତ୍ୟ, ତଥ୍ୟ ଉପରେ ଆଧାରିତ ନା କାହାର ଅଲୌକିକ ବିଚରକୁ ନେଇ ଆମେ ସନ୍ତୁଷ୍ଟ ହେଉଥିବା ହେତୁ ସମସ୍ତଙ୍କୁ ଜଣାଇବା ଉଦ୍ଦେଶ୍ୟ ରଖି ସେଗୁଡ଼ିକୁ ଲେଖାଯାଉଅଛି ? ଏମିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିବା ପରେହିଁ କୌଣସି ଆଲେଖ୍ୟ ସାର୍ବଜନୀନ କରାଯିବା ବିଧେୟ । ନତୁବା ଲେଖକଙ୍କ ପ୍ରତି ପାଠକଙ୍କ ଅନାଗ୍ରହ ସୃଷ୍ଟି ହେଉଥିବା ନିଶ୍ଚିତ ଧାର୍ଯ୍ୟ । ଏମିତି କରାଗଲେ ହୁଏତ ସେଗୁଡ଼ିକ କିଛି ସାମାଜିକ ସଂସ୍କାର ତଥା ଜନମଙ୍ଗଳ କାର୍ଯ୍ୟରେ ଲାଗିପାରିବ ଏବଂ ପାଠକ ଆକୃଷ୍ଟତା ଭାବ ବଢ଼ିବ ବୋଲି ଆମ ବିଚର । ମୋତେ କିଛି ଲେଖିବାର ଆସୁଛି ଏବଂ ଯାହା ତାହା ଲେଖି କେବଳ ଗଣମାଧ୍ୟମରେ ମୋର ଫୋଟୋ, ନାମକୁ ପ୍ରଚର ପ୍ରସାର କରିବା ଉଦ୍ଦେଶ୍ୟରେ ଲେଖୁଥିବା ଲେଖକଙ୍କ ଉଦ୍ଦେଶ୍ୟ ଭିନ୍ନ ଏବଂ ପାଠକ ସେଗୁଡ଼ିକୁ କିଭଳି ମନକୁ ନିଅନ୍ତି, ସେମାନଙ୍କୁ ବୁଝୁଥିବ !

କୌଣସି ଲେଖା ଲେଖିବା ପୂର୍ବରୁ ଅଯୌକ୍ତିକ ଆତ୍ମପ୍ରକାଶ ତଥା ଅତିରଂଜିତ ନକରି ସମସ୍ତଙ୍କୁ ଆକୃଷ୍ଟ କଲାଭଳି ଲେଖା ପ୍ରତି ଧ୍ୟାନ ଦେବା ଜଣେ ପ୍ରକୃତ ଲେଖକଙ୍କ ସର୍ବାଦୌ କର୍ତ୍ତବ୍ୟ ହେବା ବିଧେୟ । ଆଜିକାର ଲେଖକଙ୍କ ଲେଖାଗୁଡ଼ିକ ଉପରେ ପାଠକଙ୍କ ଆସ୍ଥା ନରହିବା କାରଣ ହେଉଛି ସେମାନେ ନିଜକୁ ଯାହା ଆସୁଛି/ବୁଝୁଛି କିମ୍ବା ଭଲ ଲାଗୁଛି ତାହା ହିଁ ଲେଖୁଛନ୍ତି ! ସର୍ବସାଧାରଣ ଉଦ୍ଦେଶ୍ୟରେ ଲେଖା ଆଉ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ ! ପ୍ରାୟତଃ ଗୋଷ୍ଠୀଗତ ତଥା ସମ୍ପ୍ରଦାୟିକ ଆଲେଖ୍ୟ ଯଥେଷ୍ଟ ମାତ୍ରାରେ ପ୍ରଚର କରାଯାଉଥିବା ହେତୁ ପାଠକଙ୍କ ମନରେ ଅନାକୃଷ୍ଟ ଭାବ ସୃଷ୍ଟି ହେଉଥିବା ବେଳେ ଛପାମାଧ୍ୟମଗୁଡ଼ିକ ପ୍ରତି ସେମାନଙ୍କ ଆଗ୍ରହ ରହୁନଥିବା ଅତ୍ୟନ୍ତ ଦୁଃଖର ବିଷୟ । ଯେତେ ଗଣମାଧ୍ୟମ ଥିଲେ ମଧ୍ୟ ଛପା ମାଧ୍ୟମଗୁଡ଼ିକ ଦ୍ୱାରା ହିଁ ସାମାଜିକ ସଂସ୍କାର ସମ୍ଭବ, ଯାହା ଅନ୍ୟ କୌଣସି ମାଧ୍ୟମରେ ନୁହେଁ । ଏମିତି କେତେକ ଅହଙ୍କାରୀ/ଚଟୁକାରି ଛପାମାଧ୍ୟମ ଅଛନ୍ତି, ଯେଉଁମାନେ ନିଜକୁ ସର୍ବୋଚ୍ଚ ବୋଲି ଭାବିବା ସହିତ କେବଳ ଲେଖକଙ୍କ ଶିକ୍ଷାଗତ ଯୋଗ୍ୟତା କିମ୍ବା ସାମାଜିକ ସ୍ଥାନ ଉପରେ ପ୍ରାଧାନ୍ୟତା ଦେଇ ସେମାନେ ଯାହା ଲେଖିଦେଲେ ମଧ୍ୟ ମୁଦ୍ରିତ କରୁଛନ୍ତି । କିନ୍ତୁ ଜଣେ ସାଧାରଣ ମଣିଷର ଜ୍ଞାନଭରା ନୂତନତ୍ୱ ରହିଥିବା ଗୁରୁତ୍ୱପୂର୍ଣ୍ଣ ଆଲେଖ୍ୟଗୁଡ଼ିକୁ ଆଡ ନୟନରେ ଦେଖୁନାହାନ୍ତି । ସେମାନେ ହୁଏତ ଜାଣି ନ ଥିବେ ଯେ ଶିକ୍ଷା, ସାମାଜିକ ସ୍ଥାନ ଏବଂ ଜ୍ଞାନ ମଧ୍ୟରେ ପାର୍ଥକ୍ୟର ଦୂରତା କେତେ ?! ଏହା ସେମାନଙ୍କ ଚଟୁକାରିତା କାରଣରୁ କରିଥା'ନ୍ତି କି ଅଜ୍ଞାନ ନିର୍ବୋଧତା ସେମାନେ ହିଁ ଜାଣନ୍ତି । ତେଣୁ ଲେଖକ ନିଜକୁ ସଂଯତ କରି ସାର୍ବଜନୀନ ଉଦ୍ଦେଶ୍ୟରେ ଲେଖିବା ସହିତ ସମ୍ପାଦକ ମଧ୍ୟ ସେଗୁଡ଼ିକର ଉପଯୁକ୍ତତା ଉପରେ ବିଶେଷ ଦୃଷ୍ଟି ଦେଇ ଆକର୍ଷଣୀୟ/ନୂତନତ୍ୱ ରହିଥିବା ଆଲେଖ୍ୟଗୁଡ଼ିକୁ ପ୍ରାଧାନ୍ୟତା ଦେଇ ମୁଦ୍ରଣ କରିବାକୁ ଚେଷ୍ଟା କଲେ ହୁଏତ ପୁଣି ଥରେ କ୍ଷୁଦ୍ର/ମଧ୍ୟମ ଛପାମାଧ୍ୟମଗୁଡ଼ିକର ଜନାଦୃତତା ବଢ଼ିବ ଏବଂ ସାମାଜିକ କ୍ଷେତ୍ରରେ ତାହା ବିଶେଷ ଉପଯୋଗୀ ହୋଇପାରିବ ବୋଲି ଆମ ବିଚରରେ ଆପଣଙ୍କ ମତ ପୋଷଣ କରିବେ ବୋଲି ଆଶା...।

**-ପଙ୍କଜ କୁମାର ପାଣିଗ୍ରାହୀ,** ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ-୭୬୧୦୨୦, ଦୂରଭାଷ: ୯୪୩୭୩୨୪୯୧୭

# ବିକଶିତ ଭାରତର ସ୍ୱପ୍ନ ସାକାର ହେଉ !

**ହିମାଂଶୁଶେଖର ଆଚାର୍ଯ୍ୟ**



ଇତିମଧ୍ୟରେ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଧୂମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ଏଥିସହିତ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ ହେବା ସହ ହର ଘର ତିରଙ୍ଗା କାର୍ଯ୍ୟକ୍ରମ ସାଧାରଣ ଜନତା ମଧ୍ୟରେ ନୂତନ ଉନ୍ମାଦନା ସୃଷ୍ଟି କରିଛି । ଏହା ପ୍ରଧାନମନ୍ତ୍ରୀଙ୍କର ଏକ ଅଭିନବ ପଦକ୍ଷେପ କହିଲେ ଭୁଲ୍ ହେବନାହିଁ । ଏହି ଅବସରରେ ଆସନ୍ତା ୨୫ ବର୍ଷ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେହିପରି ଏକ ବିକଶିତ ଆଡ଼କୁ ଆମକୁ ଅଗ୍ରସର ହେବାକୁ ପଡ଼ିବ ବୋଲି କହିବା ସହିତ ଦୁର୍ନୀତି ଏକ ଆବର୍ଜନା, ଏହା ହଟିବା ଜରୁରୀ ବୋଲି ସେ ପୁଣି ଉଦ୍‌ବୋଧନ ଦେଇ କହିଛନ୍ତି । ବାସ୍ତବରେ ଦେଖିବାକୁ ଗଲେ ଦୁର୍ନୀତି ଆମ ପ୍ରଗତିର ପ୍ରଧାନ ପ୍ରତିବନ୍ଧକ ରୂପେ ଉଭା ହୋଇଛି । ତେଣୁ ଏକ ବିକଶିତ ଭାରତ ପାଇଁ ସହଭାଗିତା ସହ ସମସ୍ତ ନାଗରିକମାନଙ୍କର ସାହାଯ୍ୟ ଓ ସହଯୋଗ ଲୋଡ଼ା । ଏଥିପାଇଁ ନିରନ୍ତ ପ୍ରୟାସର ଆବଶ୍ୟକତା ରହିଛି । ଅଗଣିତ ସଂଗ୍ରାମୀମାନଙ୍କର ବଳିଦାନ, ରକ୍ତକ୍ଷୟୀ ସଂଗ୍ରାମ ଓ ଐକାନ୍ତିକ ପ୍ରଚେଷ୍ଟା ବଳରେ ଆମେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ବହୁ ପ୍ରତୀକ୍ଷିତ ସ୍ୱାଧୀନତା ପାଇଲୁ । ଏବେ ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପୂର୍ଣ୍ଣ ହୋଇ ୭୬ ବର୍ଷରେ ପଦାର୍ପଣ କରିଛି । ଏହି ସମୟ ମଧ୍ୟରେ ଆମେ ଅଧିକାଂଶ କ୍ଷେତ୍ରରେ ସଫଳତା ହାସଲ କରିଛୁ; ମାତ୍ର ଏପରି ଅନେକ କ୍ଷେତ୍ର ଅଛି; ଯେଉଁଠି ଆମେ ପଛରେ ପଡ଼ିଯାଇଛୁ ।

ଏହି ସମୟ ମଧ୍ୟରେ ଭାରତ ଏକ ସାର୍ବଭୌମ, ଧର୍ମନିରପେକ୍ଷ, ସମାଜବାଦୀ ଓ ଗଣତାନ୍ତ୍ରିକ ରାଷ୍ଟ୍ର ହିସାବରେ ସମଗ୍ର ବିଶ୍ୱରେ ନିଜ ପାଇଁ ନିଆରା ପରିଚୟ ସୃଷ୍ଟି କରିପାରିଛି । ଏହା ଆମ ପାଇଁ ଗୌରବର ବିଷୟ । ସେହିପରି ଦୀର୍ଘ ସାତ ଦଶନ୍ଧି ଧରି ଆମେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଆମକୁ ଶାସନକରି ଚାଲିଛୁ । ବିଭିନ୍ନ ପ□ବାର୍ଷିକ ଯୋଜନାରେ ଆମେ ଆମର ଈପ୍‌ସିତ ଲକ୍ଷ୍ୟକୁ ଅନେକାଂଶରେ ପୂରଣ କରି ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛୁ । ସବୁଜ ବିପ୍ଳବ ପରେ ଏ ଦେଶ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇପାରିଛି । ଶ୍ୱେତ ବିପ୍ଳବ ଯୋଗୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିଛି । ସ୍ୱାଧୀନତା ପୂର୍ବରୁ ଯେଉଁ ଦେଶରେ ପିନ୍‌କଣ୍ଟିଏ ଉତ୍ପାଦନ ହୋଇପାରୁ ନଥିଲା ସେ ଦେଶ ଆଜି ବିଜ୍ଞାନ. ପ୍ରଯୁକ୍ତିବିଦ୍ୟା ଓ କାରିଗରୀରେ ବିଶ୍ୱର ଗୋଟିଏ ଆଗ ଧାଡିର ଦେଶ । ଖାଲି ସେତିକି ନୁହେଁ, ଏହି ସମୟ ଭିତରେ ଭାରତର ଚେହେରା ବଦଳିଛି ଚିହ୍ନି ନହେଲା ପରି । ଅର୍ଥନୈତିକ ସଂସ୍କାର, ଟେଲିକମ୍ ବିପ୍ଳବ, ମହାକାଶ ମାନ୍ୟତା. ସଫ୍ଟୱୟାର ମହାଶକ୍ତି ଭାବେ ନୂଆ ପରିଚିତି ଆଜି ଏ ରାଷ୍ଟ୍ରକୁ ସଫଳ ଓ ସଶକ୍ତ ରାଷ୍ଟ୍ରର ମର୍ଯ୍ୟାଦା ଦେଇଛି । ଶିଳ୍ପକ୍ଷେତ୍ରରେ ଆଶାନୁରୂପ ପ୍ରଗତି ହାସଲ ହୋଇଛି । ଦେଶର ଜନସଂଖ୍ୟା ୩୬ କୋଟିରୁ ଆସି ୧୩୯ କୋଟିରେ ପହ□ଲାଣି । ଏହି ସମୟ ମଧ୍ୟରେ ଆମର ସାକ୍ଷରତା ହାର ୧୮ ପ୍ରତିଶତରୁ ୭୪ ପ୍ରତିଶତକୁ ବୃଦ୍ଧି ପାଇଛି । ଦେଶର ଅଭିବୃଦ୍ଧି ହାର ୩ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି ପାଇଛି । ସେହିପରି ଭାରତୀୟଙ୍କ ହାରାହାରି ପରମାୟୁ ୩୩ ବର୍ଷରୁ ୬୫ ବର୍ଷକୁ ବୃଦ୍ଧି ପାଇଛି । ବହୁ ଘାତ ପ୍ରତିଘାତ ମଧ୍ୟରେ ଏସବୁ ସଫଳତା ଭାରତକୁ ବିକାଶଶୀଳ ରାଷ୍ଟ୍ରର ମାନ୍ୟତା ଦେଇଛି ।

ଏସବୁ ସଫଳତା ସତ୍ତ୍ୱେ ବାହାରେ ଯେଉଁ ଅନାଲୋଚିତ ଦିଗ ଅଛି ତାହା ହେଉଛି ଏବେବି ଭାରତରେ ରହୁଛନ୍ତି ପ୍ରାୟ ୩୫ କୋଟି ନିରକ୍ଷର, ୨୬କୋଟି ଦାରିଦ୍ର୍ୟ ସୀମାରେଖା ତଳେ ଓ ଅପପୁଷ୍ଟିର ଶିକାର ହେଉଥିବା ୪୨ ପ୍ରତିଶତ ଶିଶୁ । ଏଥିସହିତ ସମସ୍ତଙ୍କୁ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା, ବିଜୁଳି, ସଡକ, ଓ ପାନୀୟ ଜଳ ଯୋଗାଇବାରେ ମଧ୍ୟ ଆମେ ବିଫଳ ହୋଇଛୁ । ସେହିପରି ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ପୂରଣ କରିବାରେ ଆମର ସ୍ଥିତି ସନ୍ତୋଷଜନକ ନୁହେଁ । ଏପରିକି ସମଗ୍ର ବିଶ୍ୱ ଅପେକ୍ଷା ଭାରତରେ ଭୋକିଲା ଲୋକଙ୍କ ସଂଖ୍ୟା ଅଧିକ । ଏହାର ମୂଳ କାରଣ ହେଉଛି ଦୁର୍ନୀତି । ବିଡମ୍ବନା ହେଲା ଯେ ଏହି ଦୁର୍ନୀତିର ପରିମାଣ କମୁନି; ବରଂ ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି । ୧୯୪୮ ମସିହା ଜିପ୍ କିଣା ଦୁର୍ନୀତିଠାରୁ ଆରମ୍ଭ କରି ୨୦୧୧ ମସିହା ଆଦର୍ଶ ହାଉସିଂ ପର୍ଯ୍ୟନ୍ତ ସବୁଠି ଦୁର୍ନୀତି କାୟା ବିସ୍ତାର କରି ଚାଲିଛି । ଏବେ ପୁଣି ଚର୍ଚ୍ଚାକୁ ଆସିଥିଲା ବହୁଚର୍ଚ୍ଚିତ ବ୍ୟାପମ୍ ଦୁର୍ନୀତି । ଖାଲି ସେତିକି ନୁହେଁ, ସବୁଠାରୁ ବଡ ସମସ୍ୟା ହେଉଛି ଆମ ସଂସଦୀୟ ବ୍ୟବସ୍ଥା ଭିତରକୁ ପଶିଆସୁଛନ୍ତି ଅପରାଧ ପୃଷ୍ଠଭୂମି ଥିବା ଲୋକମାନେ । ଏହା ଆମ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ।

ସ୍ୱାଧୀନତାର ଅର୍ଥ କେବଳ ଏକଛତ୍ରବାଦ ଶାସକ ବା ବିଦେଶୀଙ୍କ କବଳରୁ ମୁକ୍ତି ନୁହେଁ; ବରଂ ଜନକଲ୍ୟାଣ ଶାସନ ପଦ୍ଧତି ଦ୍ୱାରା ସାଧାରଣ ଲୋକଙ୍କୁ ବ□ବାର ମୌଳିକ ଆବଶ୍ୟକତା ଯୋଗାଇଦେବା । ସେ ସ୍ୱପ୍ନ ଆଜି ସୁଦୂର ପରାହତ । ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ତମ । ସମ୍ପ୍ରତି ପ୍ରାୟ ୧୩୯ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି । ଦିନକୁ ଦିନ ଆମ ମା-ଭଉଣୀମାନେ ଅସୁରକ୍ଷିତ ଅବସ୍ଥା ଭିତରକୁ ଠେଲି ହୋଇଯାଉଛନ୍ତି । ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ ସବୁଠି ଦୁଷ୍କର୍ମର ଏକ ଲମ୍ବା ତାଲିକା । ଏବେବି ବିଶ୍ୱର ଅର୍ଦ୍ଧାଧିକ ନିରକ୍ଷର ଲୋକ ସ୍ୱାଧୀନ ଭାରତରେ ଅଛନ୍ତି । ଦୁର୍ନୀତି କଥା ନ କହିବା ଭଲ । ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି । ୫୪ କୋଟି ଯୁବକମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଣ୍ଠିପିଣ୍ଡା ହେଉଛନ୍ତି । ଜାତି ଧର୍ମ ନାମରେ ସାଂପ୍ରଦାୟିକ ଦଙ୍ଗା ଦେଶର ବିଭିନ୍ନ ସ୍ଥାନରେ ଘଟୁଛି । ସ୍ୱାଧୀନତାର ସାତ ଦଶନ୍ଧି ପରେ ସବୁ ଲୋକଙ୍କୁ ଦୁଇଓଳି ପେଟପୁରା ଆହାର ମିଳିଲା ନାହିଁ କି ସବୁ ଶିଶୁ ବିଦ୍ୟାଳୟ ଦୁଆରମୁହଁ ମାଡିପାରିଲେନି । ଏହାହିଁ କ୍ଷୋଭର ବିଷୟ ।

ଏବେ ଆତ୍ମସମୀକ୍ଷା କରିବାର ବେଳ ଆସିଛି । ଗୋଟିଏ ଦେଶପାଇଁ ୭୫ ବର୍ଷ କିଛି କମ୍ ନୁହେଁ । ଆମ ପରେ ସ୍ୱାଧୀନତା ପାଇଥିବା ବହୁ ଛୋଟଛୋଟ ଦେଶ ଆଜି ସବୁ କ୍ଷେତ୍ରରେ ଆମଠାରୁ ବହୁ ଆଗରେ । କିନ୍ତୁ ଆମେ ବହୁ ପଛରେ ପଡିଛୁ । ଅଦ୍ୟାବଧି ଆମ ଜନସଂଖ୍ୟାର ୬୮.୮ ପ୍ରତିଶତ ଲୋକ ଗ୍ରାମା□ଳରେ ବାସ କରୁଥିବା ବେଳେ ସହରା□ଳରେ ମାତ୍ର ୩୧.୨ ଭାଗ ଲୋକ ବାସ କରନ୍ତି । କିନ୍ତୁ ଅନ୍ୟାନ୍ୟ ବିକଶିତ ଦେଶ ଇଂଲଣ୍ଡରେ ସହରା□ଳରେ ୮୦ ପ୍ରତିଶତ, ଯୁକ୍ତରାଷ୍ଟ୍ର ଆମେରିକାରେ ୭୪ ପ୍ରତିଶତ, ଜାପାନରେ ୭୮ ପ୍ରତିଶତ ଲୋକ ଓ ଦକ୍ଷିଣ କୋରିଆରେ ପ୍ରାୟ ୮୩ ପ୍ରତିଶତ ଲୋକ ସହରା□ଳରେ ବାସ କରନ୍ତି । ଏହାର ପ୍ରମୁଖ କାରଣ ହେଉଛି ଆମ ଦେଶ କୃଷିପ୍ରଧାନ ହୋଇଥିବା ବେଳେ ଏସବୁ ଦେଶ ଶିଳ୍ପପ୍ରଧାନ । ସେଥିପାଇଁ ଆମ ମୁଣ୍ଡପିଛା ଆୟଠାରୁ ସେମାନଙ୍କର ମୁଣ୍ଡପିଛା ଆୟ ବହୁ ଉଚ୍ଚରେ । ଏପରିକି ସେମାନଙ୍କର ଜୀବନଧାରଣର ମାନ ଆମଠାରୁ ବହୁତ ଉନ୍ନତ । ତେଣୁ ଆମ ଦେଶ ବିକାଶମୁଖୀ ଦେଶ ରୂପେ ପରିଗଣିତ । ବିକଶିତ ଦେଶ ହେବା ପାଇଁ ଆମକୁ ଆହୁରି ଅନେକ ବାଟ ଯିବାକୁ ହେବ । ଗୋଟିଏ ପଟେ ସୁପରପାୱାର ସ୍ୱପ୍ନ ଆମେ ଦେଖୁଥିବାବେଳେ ଅନ୍ୟପଟେ ଦୁର୍ନୀତି, ଭ୍ରଷ୍ଟାଚାର, ଦାରିଦ୍ର୍ୟ, ବେକାରୀ ଓ ନିରକ୍ଷରତା ଭଳି ସମସ୍ୟା ଆମ ପ୍ରଗତି ପଥରେ ପ୍ରତିବନ୍ଧକ ସାଜିଛି । ପରିଣାମସ୍ୱରୂପ, ସ୍ୱାଧୀନତାର ସାତ ଦଶନ୍ଧି ପରେ ବି ଆମ ଦେଶ ଅବିକଶିତ ଦେଶ ହୋଇ ରହିଛି । ଏହାହିଁ କ୍ଷୋଭର ବିଷୟ ।

*-ଜଗତସିଂହପୁର, ମୋ-୯୯୩୭୧୫୧୦୫୨*

# ଆତ୍ମଚିନ୍ତନ

**ଅନୀତା ପଟ୍ଟନାୟକ**



ରାସ୍ତାରେ ଥକ୍କା ମାରି ଶରୀରଟି ବସି ପଡ଼ିଲା । ଶୂନରୁ ଆରମ୍ଭ ହୋଇଥିବା ଶରୀରକୁ ଆଜି ୮୦ ବର୍ଷ । କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଏହି ଷଡ଼ରିପୁଙ୍କୁ ପଚାରିଲା ଭାଇମାନେ ତୁମକୁ କିପରି ଲାଗୁଛି ? ସେମାନେ ଏକସ୍ୱରରେ କହି ଉଠିଲେ ଆମେ ତୁମ ଭିତରେ ଅଛୁ ସତ ହେଲେ ଆମ ମନର ଆଲୋକରେ ଆଲୋକିତ । ମନ ନଥିଲେ ଆମର ତୁମ ଶରୀର ଭିତରେ ଅସ୍ତିତ୍ୱ ନାହିଁ ।

ଶରୀର ମନକୁ ପଚାରିଲା ଆଜି କିପରି ଲାଗୁଛି ? ମନ କହି ଉଠିଲା ଭାଇ ଶରୀର ମୁଁ ତ କେତେକ ଚିନ୍ତାର ସମଷ୍ଟି ମାତ୍ର । ମୋର କାମ ଷଡ଼ରିପୁଙ୍କୁ ଆଲୋକିତ କରିବା ଓ କାମନାଗୁଡ଼ିକୁ ସୃଷ୍ଟି କରିବା ଓ ତାର ପୂରଣ ନିମନ୍ତେ ତୁମକୁ ଖଟାଇବା । ପ୍ରକୃତ ପକ୍ଷେ କହିବାକୁ ଗଲେ ତୁମର ଶରୀରରେ ଥାଇ ମଧ୍ୟ ମୋର ଅସ୍ତିତ୍ୱ ନାହିଁ । ମତେ କେହି ଦେଖିପାରନ୍ତି ନାହିଁ କାରଣ ମୁଁ ବୁଦ୍ଧିର ଆଲୋକରେ ଆଲୋକିତ ମୋର ନିଜର ଆଲୋକ ନାହିଁ ।

ଶରୀର ବୁଦ୍ଧିକୁ ପଚାରିଲା ଭାଇ କିପରି ଅଛ ? ବୁଦ୍ଧି କହିଲା କ'ଣ କହିବି ? ମନକୁ ଆଲୋକିତ କରିବାକୁ ଚେଷ୍ଟା କରି ଅନେକ ସମୟରେ ମୁଁ ବିଫଳ ହେଉଛି । କାରଣ ମନ ଇନ୍ଦ୍ରିୟ ମାନଙ୍କ ଦ୍ୱାରା ପରିଚାଳିତ ହୋଇ ବେଳେ ବେଳେ ମତେ ଉପେକ୍ଷା କରୁଛି । ମୁଁ ତୁମ ଭିତରେ ଅଛି ସତ କିନ୍ତୁ ମତେ ପଚାରେ କିଏ ? ମତେ କେହି ଦେଖିପାରନ୍ତି ନାହିଁ କାରଣ ମୋର ଅସ୍ତିତ୍ୱ କହିଲେ ବିବେକକୁ ବୁଝାଏ । ବିବେକର ଆଲୋକରେ ମୁଁ ଆଲୋକିତ । ଦେଖୁନ ବୁଦ୍ଧି ଥାଇ ମଧ୍ୟ ଏ ମନ ଶରୀର ଭିତରେ ଇନ୍ଦ୍ରିୟମାନଙ୍କ ଦ୍ୱାରା କବଳିତ ହୋଇ କ'ଣ କରୁଛି ? ଛି ମୋ ବୁଦ୍ଧିକୁ । ମୋର ଆଲୋକରେ ମନ ଆଲୋକିତ, କିନ୍ତୁ ମୋ' ଦ୍ୱାରା ସେ ପରିଚାଳିତ ହେବାକୁ ଚାହୁଁନାହିଁ । ଶରୀର ଏଥର ବୁଦ୍ଧି ପାଖରୁ ମୁହଁ ଫେରାଇ ବିବେକକୁ ପଚାରିଲା । ଭାଇ କିପରି ଅଛ ? ଏବେ କେମିତି ଲାଗୁଛି ? ବିବେକ କହି ଉଠିଲା ଭୁଲ ଠିକର ବିବେଚନା କରୁ କରୁ ତୁମ ଶରୀର ଭିତରେ କେବେ ମୁଁ କ୍ଳାନ୍ତି ଅନୁଭବ କରିନାହିଁ । ହଂସ ପାଣିରୁ କ୍ଷୀରକୁ ଅଲଗା କରି ପିଇବା ପରି ମୁଁ ବୁଦ୍ଧିକୁ ସଦାସର୍ବଦା ଭଲ ରାସ୍ତାରେ ଯିବା ପାଇଁ ପରିଚାଳିତ କରୁଛି । ହେଲେ ବୁଦ୍ଧି ତା'ର ଦୁଇ ପ୍ରକାର ଆଚରଣ ଯଥା: ନଷ୍ଟ ବୁଦ୍ଧି ଓ ଭଲ ବୁଦ୍ଧି ମନ ପାଖକୁ ପ୍ରେରିତ କରୁଛି । ମନ ଇନ୍ଦ୍ରିୟ ଲାଳସାରେ ପଡ଼ି ଦୁଷ୍ଟବୁଦ୍ଧି ଦ୍ୱାରା ପରିଚାଳିତ ହୋଇ ଆଜି ତୁମକୁ ଜୀବନର ଅପରାହ୍ନରେ ହାଲିଆ କରି ପକେଇଛି । ତୁମେ ଯେଉଁ ଭାଗବତ ପ୍ରାପ୍ତିର ଉଦ୍ଦେଶ୍ୟ ନେଇ ଏ ଧରାପୃଷ୍ଠରେ ଅବତରଣ କରିଥିଲ ମନ ତୁମକୁ ପଥଭ୍ରଷ୍ଟ କରିଛି । ତୁମକୁ ଉଦ୍‌ଭ୍ରାନ୍ତ କରିଛି । ତୁମକୁ ସ୍ରଷ୍ଟାଙ୍କ ଆଡ଼କୁ ନମୁହାଁଇ ସୃଷ୍ଟି ଆଡ଼କୁ ମୁହାଁଇ ଦେଇଛି । ଇନ୍ଦ୍ରିୟ ଲାଳସାର ଉପଭୋଗରେ ତୁମେ ଆଜି କ୍ଳାନ୍ତଶ୍ରାନ୍ତ ଏକ ପଥିକ ହେଲେ ମୋର ଏଥିରେ କିଛି ଦୋଷ ନାହିଁ । ମୁଁ ଶରୀର ଭିତରେ ଥାଏ ମତେ କେହି ଦେଖିପାରନ୍ତି ନାହିଁ କି ପଚାରନ୍ତି ନାହିଁ । ମୋର ନିଜର ଅସ୍ତିତ୍ୱ ବୋଲି କିଛି ନାହିଁ । ମତେ କେବଳ ଅନୁଭବ କରିହୁଏ । କାରଣ ମୁଁ ଆତ୍ମାର ଆଲୋକରେ ଆଲୋକିତ । ମୋର ନିଜର ଆଲୋକ ନାହିଁ ।

ଭାଇ ! ଆତ୍ମା ଯଦି ନାହିଁ ତେବେ ବିବେକ ନାହିଁ, ଯଦି ବିବେକ ନାହିଁ ତେବେ ବୁଦ୍ଧି ନାହିଁ, ଯଦି ବୁଦ୍ଧି ନାହିଁ ତେବେ ମନ ନାହିଁ, ଯଦି ମନ ନାହିଁ ତେବେ ଇନ୍ଦ୍ରିୟ ଲାଳସା ନାହିଁ । ଯଦି ସବୁ କିଛି ନାହିଁ ତେବେ ପୃଥିବୀରେ ତୁମର ମଧ୍ୟ କିଛି ପ୍ରୟୋଜନ ନାହିଁ । ଶରୀର ଏଥର ଆତ୍ମା ସହିତ କଥାବାର୍ତ୍ତା କରିବା ପାଇଁ ଚେଷ୍ଟା କଲା । ଆତ୍ମା କହିଉଠିଲା ଭାଇ ଶରୀର ! ମୁଁ ସଦା ଆଲୋକିତ ସଦା ଆନନ୍ଦରେ ପୂର୍ଣ୍ଣ । ମୁଁ ଚିଦାନନ୍ଦ, ହେଲେ ଏ ଶରୀରର ବନ୍ଧନରୁ ମୁକ୍ତ ହୋଇ ପରମାନନ୍ଦରେ ମିଶିବା ପାଇଁ ମୁଁ ସର୍ବଦା ବ୍ୟାକୁଳ । ମୋର ଅନୁରୋଧକୁ ତୁମେ କେବେ ବି କର୍ଣ୍ଣପାତ କରନାହିଁ । ଜୀବନରେ କାଁ ଭାଁ କେତେବେଳେ କେମିତି କୌଣସି ମନ୍ଦିର, ମସଜିଦ, ଗୀର୍ଜାକୁ ମତେ ନେଇଯାଇଥାଅ । ତୁମେ ମୁଁ ଓ ମୁଁ ତୁମେ ଏପରି ଚରମ ଉପଲବ୍ଧିରେ ମତେ ଜୀବନରେ କେବେ ଭସାଇ ଦେଇନାହିଁ । ସବୁବେଳେ ଦ୍ୱୈତ ମନୋଭାବ ରଖି ମୋର ତୋର କରି ଜୀବନସାରା ଆଡ଼େଇ ଆସିଛ । କିନ୍ତୁ କ'ଣ କରିବି ଭାଇ ମୁଁ ଅବିନଶ୍ୱର ମୁଁ ଖଡ଼ଗଦ୍ୱାରା କଟାଯାଇପାରେ ନାହିଁ, ଅଗ୍ନି ଦ୍ୱାରା ଦହନ ହୁଏନାହିଁ, ପବନ ଦ୍ୱାରା ମୁଁ ଶୁଷ୍କ ହୋଇପାରେ ନାହିଁ । ତୁମକୁ ଆଜି ମୁଁ ଛାଡ଼ି ଯାଉଛି କ୍ଷମା କରିଦେବ ବନ୍ଧୁ । ପରମାତ୍ମାଙ୍କ ସହ ମୋର ମିଳନ ପାଇଁ ମୁଁ ଯେଉଁ ବ୍ୟାକୁଳିତ ଥିଲି, ସେ ସମୟ ଉପନୀତ ।

***-ଅବସରପ୍ରାପ୍ତ ପ୍ରାଧ୍ୟାପିକା, ସିଡ଼ିଏ, କଟକ, ଦୂରଭାଷ : ୯୮୬୧୧୧୮୬୭୩***

# 'ଅସମାନତା ବିଶ୍ୱ ପାଇଁ ମାନସିକ ସ୍ୱାସ୍ଥ୍ୟ'



ଆଜିକାଲି ବାପା, ମାଆ ଓ ପିଲାମାନେ ଗୋଟିଏ ଛାତତଳେ ରହି ଭାବର ଆଦାନପ୍ରଦାନ କମ୍ କରୁନାହାଁନ୍ତି କାରଣ ଏହା ପଛରେ କରୋନା ଜନିତ ଲକ୍‌ଡାଉନ ଓ ଅନ୍‌ଲାଇନ ପାଠପଢ଼ାର କାରଣ ରହିଛି । କେତେକ ପିଲାମାନଙ୍କ ଉପରେ ଇଣ୍ଟରନେଟ୍ ଓ ସୋସିଆଲ ମିଡିଆର ପ୍ରଭାବ ଯୋଗୁ ମାନସିକ ସମସ୍ୟା ବଢ଼ି ବଢ଼ି ଯାଉଛି । ଯୁବାବସ୍ଥାରେ ବିଭିନ୍ନ ମାନସିକ ସମସ୍ୟାର ଲକ୍ଷଣ ହେଉଛି - ବ୍ୟବହାରରେ ପରିବର୍ତ୍ତନ, ମନଦୁଃଖ ରହିବା, ଭୟ କରିବା, ବିନା କାରଣରେ ସନ୍ଦେହ କରିବା, ଚିଡ଼ଚିଡ଼ା ହେବା, ରାଗିବା, ଏକଲା ରହିବା, ଆତ୍ମହତ୍ୟା କରିବାକୁ ଭାବିବା, ନିଶାସେବନ ଓ ଯୋଗ୍ୟତା ଥାଇ ପରୀକ୍ଷାରେ ଖରାପ କରିବା । ମାନସିକ ସମସ୍ୟାକୁ ଡର, ଭୟ ଓ ଲାଜ କରନ୍ତୁନାହିଁ । ଗ୍ରହ ନକ୍ଷତ୍ର ଓ ଭୂତପ୍ରେତର ପ୍ରଭାବ ଭାବି ମାନସିକ ରୋଗ ଚିକିତ୍ସକଙ୍କ ସାହାଯ୍ୟ ନେବାରେ ଡେରି କରନ୍ତୁ ନାହିଁ ।

ଆନ୍ତର୍ଜାତୀୟ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହେଉଛି । ଏହା ଅକ୍ଟୋବର ୧୦ ତାରିଖରେ ପାଳିତ ହୋଇଥାଏ । ଚଳିତବର୍ଷର ସ୍ଲୋଗାନ ବା ବାର୍ତ୍ତା ରହିଛି 'ମେଣ୍ଟାଲ ହେଲଥ୍ ଇଜ ଆନ ଅନ ଇକ୍ୱାଲ ୱାର୍ଲ୍ଡ' - (ଅସମାନତା ବିଶ୍ୱ ପାଇଁ ମାନସିକ ସ୍ୱାସ୍ଥ୍ୟ) ।୧୯୯୨ରେ ପ୍ରଥମର ଥର ପାଇଁ ୱାର୍ଲ୍ଡ ଫେଡେରେସନ ଫର ମେଣ୍ଟାଲ ହେଲଥ ଏହାକୁ ପାଳନ କରିଥିଲା । ବିଶ୍ୱବ୍ୟାପୀ ମାନସିକ ରୋଗ, ଏହାର ସଫଳ ଚିକିତ୍ସା ଏବଂ ଏଥିରେ ଆକ୍ରାନ୍ତ ରୋଗୀଙ୍କୁ ସହାୟତା କରିବା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ସରକାରୀ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ବିଶ୍ୱର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ରାଷ୍ଟ୍ରରେ ବହୁ ସୂଚନାଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଥାଏ । ଏକ ଆକଳନ ଅନୁସାରେ ବିଶ୍ୱ ଜନ ସମୁଦାୟର ୧୨ ପ୍ରତିଶତ ବା ୪୫୦ ମିଲିୟନ ଲୋକ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସହ ଜଡ଼ିତ । ମାନସିକ ଅବସାଦର ପ୍ରାୟ ୧୫୪ ମିଲିୟନ ଜନତା ଆକ୍ରାନ୍ତ ଯାହା ଏହି ରୋଗର ଏକ ଅବସ୍ଥା । ୨୦୦୨ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଉପରୋକ୍ତ ତଥ୍ୟ ଦର୍ଶାଇଥିଲେ । 'ହୁ'ର ସହାୟତାରେ ମିଳିତ ଜାତିସଂଘ ଏହାର ପ୍ରଚାର ପ୍ରସାର ପାଇଁ ସକ୍ରିୟ ଭୂମିକା ନିଭାଇଆସୁଛି ।

ମାନସିକ ରୋଗ ଏକ ଜଟିଳ ରୋଗ । ଏହି ରୋଗକୁ ଆରମ୍ଭରୁ କେହି ଜାଣିପାରନ୍ତି । ଏହା ଭୂତ ପ୍ରେତଙ୍କ ପ୍ରଭାବ ବା ତନ୍ତ୍ର ର ପ୍ରଭାବ ବୋଲି ମନୁଷ୍ୟର ଧାରଣା ହୋଇଥାଏ । କେତେକ କ୍ଷେତ୍ରରେ ଏହା ପୂର୍ବଜନ୍ମର ଅଭିଶାପ ବା ଦୈବଦଣ୍ଡ ଭାବରେ କେହି କେହି ଭାବିଥାନ୍ତି । କେତେକ ବ୍ୟକ୍ତିଙ୍କର ବ୍ୟବହାରର ପରିବର୍ତ୍ତନ ଦେଖି ଲୋକମାନେ ଏହାକୁ ବିଶ୍ୱାସ କରିଥାନ୍ତି । ତେଣୁ ଅନେକ ଲୋକ ଦେବଦେବୀଙ୍କୁ ପୂଜା କରିବା ସହ ବଳୀ ଦେବା ଓ ଝଡ଼ାଫୁଙ୍କା ବି କରିଥାନ୍ତି । ମାତ୍ର ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ । ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ଠିକ୍ ସମୟରେ ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ । ସବୁଠାରୁ ବଡ଼ କଥା ହେଉଛି ଏହି ମାନସିକ ଅବସାଦ ବା ବିଷାଦର ପ୍ରାଥମିକ ସମୟରେ ସେମାନଙ୍କ ନିଜ ଲୋକମାନେ ମାନସିକ ରୋଗ ବିଶେଷଜ୍ଞଙ୍କ ତୁରନ୍ତ ପରାମର୍ଶ ଓ ଚିକିତ୍ସା ଆରମ୍ଭ କଲେ ଏହା ଅଧିକାଂଶ କ୍ଷେତ୍ରରେ ରୋଗୀଟି ପାଇଁ ଜୀବନ ଆରୋଗ୍ୟକାରୀ ହୋଇ ତାହାକୁ ରୋଗମୁକ୍ତ କରିପାରିଥାଏ । ସୁସ୍ଥ ଶରୀର ପାଇଁ ଯେପରି ଉପଯୁକ୍ତ ଖାଦ୍ୟ ଓ ଶାରୀରିକ ପରିଶ୍ରମ ଦରକାର ଠିକ୍ ସେହିପରି ସୁସ୍ଥ ମାନସିକ ଅବସ୍ଥା ପାଇଁ ଉପଯୁକ୍ତ ପରିବେଶ, ପରିସ୍ଥିତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ପାଇଁ ଆବଶ୍ୟକ ହୋଇଥାଏ । ଯଦିଓ ମନୁଷ୍ୟର ବ୍ୟକ୍ତିତ୍ୱରେ ପରିବର୍ତ୍ତନ ଘଟିବା, କ୍ରମାଗତ ଭାବେ ଅନିଦ୍ରା ରହିବା, ବିନା କାରଣରେ ଭୟଭୀତ ହେବା, କଥାବାର୍ତ୍ତା ଅସଲଗ୍ନ ହେବା, ନିଜର ଦୈନନ୍ଦିନ କାର୍ଯ୍ୟ ସୁଚାରୁରୂପେ ତୁଲାଇ ନପାରିବା, ଶୂନ୍ୟରୁ କେହି କହିଲା ପରି ନିଜକୁ ଶୁଭାଯିବା, କୌଣସି କାରଣ ନଥାଇ ରାଗିବାକୁ ପ୍ରାଥମିକ ସ୍ତରରେ ମାନସିକ ରୋଗର ସାଧାରଣ ଲକ୍ଷଣ ଭାବେ ବିଚାର କରାଯାଇ ଥାଏ । ମାନସିକ ରୋଗ



ପାଇଁ ସେପରି କୌଣସି ନିର୍ଦ୍ଦିଷ୍ଟ କାରଣ ନଥାଏ ଅନେକ ସମୟରେ ବ୍ୟକ୍ତି ନିଜର ସମାଜ, ପରିସ୍ଥିତି, ପରିବେଶ ସହିତ ଖାପଖୁଆଇ ଚଳି ନପାରିଲେ ମାନସିକ ଭାରସମ୍ୟ ହରାଇଥାଏ ଯାହାଦ୍ୱାରା ମାନସିକ ସ୍ଥିରତାରେ ଆଘାତ ଘଟିଥାଏ । ଫଳରେ ତା ଠାରେ ଏହି ରୋଗର କେତେକ ଲକ୍ଷଣ ପ୍ରକାଶ ପାଇଥାଏ । କେତେକ ସ୍ଥଳରେ ଦେଖାଯାଇଥାଏ ଯେ ମସ୍ତିଷ୍କରେ ଥିବା ଜୈବ ପଦାର୍ଥ ଯାହା କି ଡୋପାମିନ୍, ସିରୋଟୋନିନ୍‌ର ଅସନ୍ତୁଳତା ହେତୁ ମାନସିକ ରୋଗ ଦେଖା ଦେଇଥାଏ । ମାନସିକ ରୋଗ ଅନେକ ସମୟରେ ବଂଶାନୁକ୍ରମିକ ହୋଇଥାଏ । ନିଜର ରକ୍ତସମ୍ପର୍କୀୟ ପରିବାର ମଧ୍ୟରେ କୌଣସି ଲୋକକୁ ଏ ରୋଗ ହୋଇଥିଲେ ଏହା ହେବାର ସମ୍ଭାବନା ଅଧିକ ଥାଏ ।

ମାନସିକ ରୋଗୀଟିକୁ ଔଷଧ ଦ୍ୱାରା, ମନସ୍ତାତ୍ତ୍ୱିକ ଚିକିତ୍ସା ଦ୍ୱାରା, ବିଦ୍ୟୁତ୍ ଚିକିତ୍ସା ଦ୍ୱାରା ଚିକିତ୍ସା କରାଯାଏ । ତେବେ ନିୟମିତ ଔଷଧ ନଖାଇଲେ ରୋଗଟି ସମ୍ପୂର୍ଣ୍ଣ ଭଲ ହୋଇନଥାଏ । ସେହିପରି ଏହି ଔଷଧ ଖାଇବା ସମୟରେ ଅନ୍ୟାନ୍ୟ ଶାରୀରିକ ରୋଗ ପାଇଁ ମଧ୍ୟ ରୋଗୀଟି ଔଷଧ ଖାଇପାରିବ । ଆଉ ଗୋଟିଏ କଥା ହେଉଛି ତାହା ହେଉଛି ମାନସିକ ରୋଗରେ କେତେକ କ୍ଷେତ୍ରରେ ବିବାହ କରିବା ଉଚିତ୍ ନୁହେଁ ତେବେ ସ୍ଥଳବିଶେଷରେ ଉଭୟ କନ୍ୟା ଓ ବରପକ୍ଷଙ୍କ ଦ୍ୱାରା ଜାଣନ୍ତରେ ଚିକିତ୍ସଙ୍କ ସହିତ ପରାମର୍ଶ କରି ବିବାହ କରାଯିବା ଉଚିତ । ମାନସିକ ରୋଗୀଟିକୁ ନିୟମିତ ଔଷଧ ଦେବା ସହ ଶାରୀରିକ ପରିଶ୍ରମ କରାଇବା ଜରୁରୀ । ସବୁଠାରୁ ବଡ଼ କଥା ହେଉଛି ମାନସିକ ରୋଗୀମାନଙ୍କୁ ସମସ୍ତ ପ୍ରକାର ନିଶାଦ୍ରବ୍ୟ ବ୍ୟବହାରଠାରୁ ଦୂରେଇବା ଉଚିତ । ମାନସିକ ରୋଗୀ ନିଜେ ବା ତା ପରିବାରର ଅତି ସମ୍ପର୍କୀୟ ବ୍ୟକ୍ତି ଚିକିତ୍ସା ସମୟରେ ରୋଗୀର ସମସ୍ତ ଗୋପନୀୟ ଘଟଣା ଚିକିତ୍ସକଙ୍କୁ ଜଣାଇବା ଉଚିତ କାରଣ ଚିକିତ୍ସକ ଏହାକୁ ଗୋପନୀୟ ରଖି ରୋଗୀର ଚିକିତ୍ସା କରାଇଥାନ୍ତି । ମାନସିକ ରୋଗୀ ପ୍ରତି ସମସ୍ତଙ୍କର ସହାନୁଭୂତି, ସ୍ନେହ ଓ ଶ୍ରଦ୍ଧା ତଥା ଭଲ ପାଇବାର ଆବଶ୍ୟକତା ହେଉଛି ସବୁଠାରୁ ବଡ଼ ଚିକିତ୍ସା । ସମାଜରେ ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ସହଯୋଗର ହାତ ବଢ଼ିଲେ ଆମ ସମାଜରେ ଏହି ପରି ମାନସିକ ବିଷାଦରେ ଭାରାକ୍ରାନ୍ତ ହୋଇଥିବା ଲୋକଟିର ମୁହଁରୁ ଚେନାଏ ହସ ଫୁଟିପାରିବ ଏହା ହିଁ ହେବ ଶ୍ରେଷ୍ଠ ମାନବିକତାର ଧର୍ମ ।

**——ଡାକ୍ତର ସମ୍ରାଟ କର,** ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ, କଟକ, ଦୂରଭାଷ: ୯୧୩୨୪୩୩୩୩୩




# ଛତାତଳେ ବର୍ଷା



ଡ଼ଃ ଶଶୀ ଭୂଷଣ ମହାପାତ୍ର

ବର୍ଷା ଟପ ଟପ ଝରିପଡୁଥିଲା । ଛାଡିବାର ନାଁ ଧରୁ ନଥିଲା । ଏଥିପାଇଁ କି, ସାରା ଆକାଶ ମେଘରେ ଢାଙ୍କିହୋଇ ରହିଥିଲା ।ଆଗକୁ ମୁଷଳ ଧାରାରେ ବର୍ଷିବ ନିଶ୍ଚୟ । ଛତା କ'ଣ ସତରେ ରୋକିପାରିବ ବର୍ଷା ? ଆଗି ମନେ ହେଉ ନାହିଁ କାରଣ ଛତା ଗୋଟିଏ ,ବ୍ୟକ୍ତି ଦୁଇଜଣ ।ଭିଜିବାଟା ଥୟ । ଭିଜିବାରେ ସେମାନଙ୍କର ଅସୁବିଧା ନାହିଁ ବରଂ ଏହାଦ୍ୱାରା ଅନ୍ତତଃ ପ୍ରେମରେ ମଜିହେବ ।ଏ ସବୁ ପ୍ରେମରେ ଯାଏସ ।ବର୍ଷା ଏବଂ ପ୍ରେମ ଦୁହେଁ ପରିପୂରକ । ଦୁହେଁ ଦୁହିଁଙ୍କୁ ପରିପୁଷ୍ଟ କରନ୍ତି । ବର୍ଷା ହୁଏତ ତାଙ୍କୁ ଧୋଇଦେବ, ପାଦତଳ ମାଟିକୁ ବି ଧୋଇଦେଇପାରିବ କିନ୍ତୁ ତାଙ୍କର ଅନ୍ତରଙ୍ଗ ଭାବକୁ କ'ଣ ଧୋଇପାରିବ ? କଦାପି ନୁହେଁ, ବରଂ ଛତା ତଳେ ଏ ଲଗାଣ ବର୍ଷା କିଛି ନୂଆ ଅନୁଭୂତି କିଛି ନିଆରା ସ୍ୱାକ୍ଷର ଛାଡ଼ିଦେବା ଏହାହିଁ ବର୍ଷାର ବୈଶେଷତ୍ୱ।

ବର୍ଷା ବର୍ଷୁଥିଲା ମନଜାଣି । ସତେ ଯେମିତି ଉଦଣ୍ଡ ହୋଇ ନାଚୁଥିଲା ଛତା ଉପରେ । ଛତା ତଳେ ସେମାନେ ବର୍ଷାରେ ପ୍ରାୟ ଜୁବୁବୁବୁ ।ଜଡସଡ ହୋଇ ସେମାନେ କିନ୍ତୁ ଧୀରେ ଧୀରେ ଚାଲିଥାନ୍ତି ଆଗକୁ, ଅନ୍ତରଙ୍ଗ ବାର୍ତ୍ତାଳାପରେ ନିମଗ୍ନ ହୋଇ ।ଖାତିର ନାହିଁ ବର୍ଷାକୁ, ନିଘା ନାହିଁ ରାସ୍ତାରେ ଯାଉଥିବା ତମାମ ଲୋକଙ୍କୁ ।ଦୁହେଁ ଭିଜୁଛନ୍ତି ଏବଂ ବିନ୍ଦାସ ହୋଇ ଅଗକୁ ଚାଲୁଛନ୍ତି ।

ଆଗରେ ରାସ୍ତା ଟିକେ ଖରାପ । କେଉଁଠି ଖାଲ ତ କେଉଁଠି ଢିପ । ରାସ୍ତାରେ ବଦଳ ପାଣି ।ଝୁଂଟିବାର ଭୟ ବେଶୀ ।

--ଅସିତ କହିଲା, ରାନୁ ଟିକେ ଦେଖି ଦେଖି ଚାଲ । ହୁଏତ କିଛି ଅଘଟଣ ଘଟିବ ।

-କି ,ଅଘଟଣ ଘଟିବ ? ତୁମେ ପରା ପାଖେ ପାଖେ ଅଛ । ମୋର କିଛି ଭୟ ନାହିଁ , ରାନୁ କହିଲା ।

--ଠିକ ଅଛି ତୁମେ ଯାହା ଭାବୁଛ ଭାବ କିନ୍ତୁ ଥଣ୍ଡା ହେବାର ଭୟ ଅବଶ୍ୟ ରହିବ । ସେଥିପାଇଁ କହୁଛି ତୁମେ ଏକା ଛତା ଧରି ଚାଲ । ବର୍ଷା ଜୋରରେ ହେଉଛି । ଏମିତିରେ ମୋର ବିଶେଷ କିଛି ଅସୁବିଧା ନାହିଁ ।

--ତୁମକୁ ଯଦି ଥଣ୍ଡା ହେବ ନାହିଁ ମୋତେ କାହିଁକି ହେବ? ମୁଁ ଦେଖୁଛି ବର୍ଷାକୁ ତୁମର ବେଶୀ ଭୟ ।ମୁଁ କିନ୍ତୁ ବର୍ଷାରେ ଭିଜିବାକୁ ବେଶୀ ଭଲ ପାଏ ।ବିଶେଷତଃ ତୁମେ ସାଙ୍ଗରେ ଥିଲେ ।ଆଚ୍ଛା ,ତୁମେ କ'ଣ କିଛି ଅନୁଭବ କରିପାରୁନାହିଁ ।ଏଇ ବର୍ଷାରେ ଗୋଟିଏ ଛତା ତଳେ, ଛାତି ଭିତରେ ହୃତପିଣ୍ଡ କେମିତି ନାଚୁଛି । ମୋତେ ତ ଇଚ୍ଛା ହେଉଛି ଛତାକୁ ଫୋପାଡ଼ିଦେଇ ବର୍ଷାରେ ପୁରା ଭିଜି ତୁମ ସହ ମଜା ନେବାକୁ ।ଏଇ ଉଡେଇଲି ଛତା ।

--ନା ନା ସେମିତି କରନା । ଏ ବର୍ଷାକୁ ତୁମେ ଜାଣିନ ।ଦେହକୁ ଜରୁଆ କରିଦେବ । ଜ୍ୱରରେ ଦେହ କମ୍ପିବା ଦେହରୁ ଗମ ଗମ ସ୍ୱେଦ ଝରିବା

--ବୁଝିଲ, ତୁମେ ଗୋଟେ ବୁଦ୍ଧୁ ! ଏ ଦେହ,ମନ କ'ଣ ଖାଲି ବର୍ଷରେ କମ୍ପେ ଆଉ ଥରେ। ତୁମେ ପାଖରେ ଥିଲେ ନା ମୋ ମନ ଚହଲେ, ଆଉ କମ୍ପେ ।ମୋ ଦେହରେ ଏକ ପୁଲକ ଖେଳେ ।ନିଶ୍ୱାସରେ ଉଷୁମ ପବନ ବହେ ।ଏହି ଜ୍ୱରର କାରଣ ତମେ । ସମ୍ଭବତଃ ମୁଁ ମୋର ଅସ୍ତିତ୍ୱ ହରାଏ ।ଏସବୁ ତୁମେ ପାଖରେ ଥିଲେ ହୁଏ ।--ଛାଡ ସେ କଥା ଏବେ ଆମେ ଯିବା କୁଆଡ ? ? ବର୍ଷା ତ ଏମିତି କୁଟିଚାଲିଛି । ଥମିବାର ନାଁ ଧରୁ ନାହିଁ । ଚାଲ କେଉଁଠି ଟିକେ ରହିଯିବା । ବର୍ଷା ଛାଡିଲେ ଯିବା ।

-- ରାନୁ ହସିଲା ।କହିଲା ବର୍ଷା ଛାଡିଲେ ତୁମେ କ'ଣ କରିବ? ଘରକୁ ଯିବାପ୍ୟାଣ୍ଟ ସାର୍ଟ ସଫା କରିବ, ତାପରେ ବିଛଣାରେ ଲେଉଟି ପଡ଼ିବା ଆଉ, ମୋ କଥା ଆଖି ବୁଜି ଭାବିବା ଏଇଆ ନା? ଏ ସବୁ ବିଲକୁଲ ନୁହେଁ । ଏ କଥାକୁ ଭୁଲି ଯାଆ ବର୍ଷା ଆଜି ମନ ଭରି ବର୍ଷୁଛି। ଏ ଦିଲ ଅଧିକ କିଛି ଚାହୁଁଛି । ହଁ, ଏଇ ହେଉଛି ଆମ ଜୀବନର ଅସଲ ଖୁସି ।ମୋ ଖୁସିରେ ତୁମେ ଖୁସି ଆଉ ତୁମେ ଖୁସିରେ ମୁଁ । ଆସ ,ଏମିତି ଆମେ ଚାଲୁଥିବା । ଏ ଯାତ୍ରାର ଆନନ୍ଦ ପାଉଥିବା ।

--ଅସିତ ପଚାରିଲା, କେଯାଏଁ ଏମିତି ଚାଲିବା ?

---ରାସ୍ତା ଯେ ପର୍ଯ୍ୟନ୍ତ ଲମ୍ବିଥିବା ମୁଁ ଚାହୁଁଚି ଏ ରାସ୍ତା ଏମିତି ପ୍ରଲମ୍ବିତ ହୋଇଥାଉ । ତୁମେ କ'ଣ ଭାବୁଛ ?

ମୁଁ ଭାବୁଛି ତୁମେ ଯେହେତୁ ମୋ ଜୀବନର ରାସ୍ତା ତେଣୁ ମୁଁ ସେ ରାସ୍ତାରେ ଅନନ୍ତ କାଳ ପର୍ଯ୍ୟନ୍ତ ଚାଲୁଥିବି ।ମୁଁ ଯାଣିଛି ଅସିତ , ତୁମେ ଜଣେ ଯାତ୍ରୀ ଆଉ ମୁଁ ତୁମ ସହଯାତ୍ରୀ ।ମୋର ଆଉ ତୁମର ରାସ୍ତା ଅଲଗା ନୁହେଁ । ଆସ, ଆମେ ଏଇ ପିଚୁ ରାସ୍ତରେ ଆଉ କିଛିବାଟ ଚାଲିବା ।ଆଗରେ ରାସ୍ତା କଡରେ ଗୋଟେ କଦମ୍ବ ଗଛ ଅଛି । ସେ ପର୍ଯ୍ୟନ୍ତ ଚାଲିବା ।ସେହି ଗଛ ମୂଳେ ଘଡ଼ିଏ ଛିଡା ହେବା। ତା'ର ଫୁଲର ବାସ୍ନା ଆଘ୍ରାଣ କରିବା। ସେ ବାସ୍ନା ଆମର ସବୁ କ୍ଷୁଧାକୁ ଭରିଦେବାଜାଣିଛନା, ସେଠି ବର୍ଷାରୁ ପାଣି ଝରେନା ,ଝଡ? ଫୁଲର ପାଖୁଡା ।ଦେଖିବ, ଆମେ କେମିତି ବିମୋହିତ ହେବା ।

---ଆରେ ନା ନା ,ସେ ଜାଗା କାଦୁଅ ପଚ୍‌ପଚ୍ଚା ପାଣିରେ ଭର୍ତ୍ତି। ତୁମ ପାଦ ଅସନା ହେବା ତୁମ ଶାଢୀରେ କାଦୁଅର ଛିଟା ଲାଗିବ ।

----ତୁମେ ନା ବଡ ବୋକା ,ବୁଦ୍ଧୁ ! ଅବଶ୍ୟ ଏଇ ସ୍ୱଭାବ ପାଇଁ ମୋତେ ତୁମେ ବହୁତ ଭଲ ଲାଗ । ତୁମର ଏଇ ଆକଟ ପଣ,ପ୍ରତିଟି ସତର୍କପଣ ଏବଂ ପ୍ରଯନ୍ ମୋତେ ପ୍ରତିକ୍ଷଣ ଭଲ ପାଇବା ଶିଖାଏ । ସେଥିପାଇଁ ତୁମେ ମୋର ପ୍ରେମ । ମୋର ପ୍ରିୟତମ । ମୋ ମନ ଆକାଶର ଜହ୍ନ । ଏବେ ମୋ ଆକାଶରେ ଇନ୍ଦ୍ରଧନୁର ଛିଟା ।ଦେଖ ମୋତେ, ମୁଁ କେତେ ସୁନ୍ଦର ! ହଁ, ମୁଁ ତୁମ ପାଇଁ ସୁନ୍ଦର । ଏ ମାଟି କାଦୁଅ ମୋତେ କର୍ଦ୍ଦମାକ୍ତ କରିପାରିବ ନାହିଁ ? ମୋ ଦେହରେ ପ୍ରେମର ଧାରା ।ମୁଁ ଏବେ ଗୋଟେ ବହୁଥିବା ଝରଣା ।ମୁଁ ପ୍ରଗଲ୍ଭ ଭା । ମୁଁ ତ କହି ଚାଲିଛି, ତୁମେ କିଛି କୁହନା ।

--କ'ଣ କହିବି ?

--ଏ ସମୟ ନୁହେଁ ଚୁପ ଚାପ ରହିବା ଏତେ ଭାବୁଛ କ'ଣ ? କୁହତ, ଆଜି ବର୍ଷା ତୁମକୁ କେମିତି ଲାଗୁଛି ? ମୁଁ ତୁମକୁ କେମିତି ଲାଗୁଛି ? ଏ ବର୍ଷା କ'ଣ କହୁଛି ? ଏ ଛତା କ'ଣ କରୁଛି ? ଆଚ୍ଛା କହିଲ, ମୁଁ କ'ଣ ତୁମକୁ ତକଲୀଫ ଦେଉଛି । ଅବଶ୍ୟ ମୁଁ ବେଳେବେଳେ ଦିଏ। ଆଜି ଯେମିତି ତୁମକୁ ଜୋର ଜବରଦସ୍ତ ଆଣିଛି । ଜାଣିଛ ,ବାବାଙ୍କର ତାଗିଦ ଥିଲା ବର୍ଷା ପୂର୍ବରୁ ଘରେ ପହଞ୍ଚିବା। ଏ ବର୍ଷା ଏହା କରାଇ ଦେଲା ନାହିଁ । ମୋ କଥା ରହିଲା ।ତୁମ ସହ ନିବିଡ ଭଲପାଇବାର ଏକ ସଖଦ ଅନୁଭବ ବର୍ଷା ଆଜି ଆଣିଦେଲା । ସତରେ ଏ ବର୍ଷା ଯେମିତି ପ୍ରୀତି ବର୍ଷା । ତୁମେ ଏବଂ ବର୍ଷା ମୋତେ ପ୍ରଗଳଭା କରୁଛି ।ମୁଁ ଏବେ ଏକ ଲଗାମ ଛଡା ଘୋଡା ।

--ଏ ଘୋଡାର ଲଗାମ ତ ରହିଛି ନା ---କ'ଣ କୈଫତ ଦେବ ଘରେ ?

--- ରାନୁ କହିଲା,କୈଫତ ଦେବି କି ବର୍ଷା କୁଟୁଥିଲା । ମୁଁ ଅପେକ୍ଷା କରିଥିଲି ବର୍ଷା ଥମିବାକୁ ।ବାସ ---

---ବାସ ଏତିକି ,କେହି ଯଦି କହେ ମୁଁ ତୁମ ପାଖେ ଥିଲି ।ବର୍ଷରେ ତୁମ ସହ ଚାଲୁଥିଲି ।ତା' ପୁଣି ଗୋଟିଏ ଛତା ତଳେ ।

ତେବେ-----

----ତେବେ ତ ଖୁବ ଭଲ ହେବ ।ମୁଁ କହିବି, ଛତାଟିଏ ସେ ଦେଲେ ଏବଂ ବର୍ଷରେ ତିନ୍ତି ତିନ୍ତି ଏକା ଯିବାକୁ ଉଦ୍ୟତ ହେଲେ । ମୁଁ ତାଙ୍କୁ ରୋକିଲି ଏବଂ ତାପରେ ଉଭୟ ଛତା ତଳେ ଆଶ୍ରୟ ନେଲୁ।

ହସିଲା ରାନୁ, ତା' ହସରେ ବର୍ଷ ଯେମିତି ଦୋଳି ଖେଳିଲା ।ଏଇ ହସରେ ଅସିତ ବିଭୋର ହୋଇଯାଆନ୍ତି।ଏ ହସରେ କି ମାଦକତା ଥାଏ କେଜାଣି ସେ ସେଥିରେ ହଜିଯାଆନ୍ତି, ମଜିଯାଆନ୍ତି ।କେମିତି କେଜାଣି ସେ ଟାଣି ହୋଇଯାନ୍ତି ତା ମୋହରେ ।ଏ ମୋହ ଗୋଟେ ମୋହ ଗ୍ରସ୍ତ ମୋହ ନୁହେଁ ।ଗୋଟେ ଆତ୍ମୀୟ ପଣ। ଗୋଟେ ପ୍ରେମ ବନ୍ଧନ । ଯେଉଁ ବନ୍ଧନରେ ରାନୁ ଏବେ ତାଙ୍କର ।

-- ଅସିତ କ'ଣ ଭାବୁଛ ଏତେ? ତୁମେ ନା ସବୁବେଳେ ଏମିତି । ଆଚ୍ଛା, ଟିକେ ମୋ ହାତ ଧରିଲା ଧରନା, ମୁଁ ପଡିଯିବି ।ଆରେ ଟିକେ ଭଲରେ ଧରା

-- ପଡିଗଲେ ମୁଁ ତୁମକୁ ତୋଳିନେବି, ଅସିତ କହିଲା ।

--ବାଃ ଏବେ ନା କଥାଟିଏ କହିଲା ସତରେ ପଡିଯାନ୍ତି କି ? ତୁମେ ମୋତେ ଫୁଲପରି ତୋଳି ନିଅନ୍ତ । ମୁଁ ତୁମକୁ ଚାହିଁ ରହନ୍ତି ।ବର୍ଷା ସେମିତି ବର୍ଷୁଥାନ୍ତା । ତୁମ ମୁହଁରୁ ବର୍ଷପାଣି ନିଗିଡି ଅଧରରେ ପଡୁଥାନ୍ତା ।ସମ୍ଭବତଃ ମୁଁ ମୁଗ୍ଧ ହୋଇ ପ୍ରତିମାଟିଏ ପାଲଟିଯାଆନ୍ତି ସେତେବେଳେ ।ହେଲେ ତୁମେ କ'ଣ ଏ ସବୁ କରିବ? ଅତି ନିକଟରୁ ମୋତେ କ'ଣ ଏମିତି ତୋଳି ଧରିବ ।ଜାଣିଚ଼ି ତୁମେ ଏହା କରିବନି ।ତୁମକୁ ଲଜ୍ୟା ଲାଗିବ ।ଚାରିଆଡ଼ ଚାହିଁବ ଖାଲି ଯାହା ସମ୍ଭଳିନେବାକୁ ଉଠାଇ ଦେବା ଜାଣିଛ , ଏହି ଗୁଣ ମୋତେ ଭାରି ଭଲ ଲାଗେ ।ସେଥିପାଇଁ ତୁମେ ମୋର ଧନା ମୋ ହିରୋ ।ମୋ ଜୀବନର ଅମୁଲ୍ୟ ସମ୍ପଦ ।

-ଅସିତ କହିଲା, ତୁମେ କହିଲନି ତ କାହିଁକି ମୋତେ ହାତ ଧରିବାକୁ କହିଲା

---ତୁମେ ପରା ସାରା ଜୀବନ ମୋ ହାତ ଧରିବ ।ତୁମ ହାତ ଧରି ଜୀବନର ରାସ୍ତା ଚାଲିବା ଏଇ ତ ଆରମ୍ଭ । ଆରମ୍ଭରୁ ଏ ପ୍ରଶ୍ନ ।

---ନା ନା, ମୋର କହିବାର କଥା ଅଲଗା କିଛି ।

-- ନା ମ, ମୁଁ ଥଟ୍ଟା କରୁଥିଲି । ଅସଲ କଥା ହେଲା ମୋ ସାଣ୍ଡାଲର ପଛଫିତା ଖସିଗଲା। ତୁମକୁ ଧରି, ଗୋଡ ଟେକି ତାକୁ ଲଗାଇଲି। ବର୍ଷାରେ ଚପଲ ଖସୁଛି । କେତେବେଳେ ହୁଏତ ଛିଡି ଯିବା

--ଅସିତ କହିଲା,ଟିକେ ରୁହ ତ । ତୁମେ କହିବାକୁ ମୋ ଚପଲ ଏଇ ଛିଡ଼ିଲା। ଏତିକି ବେଳକୁ ଯେମିତି ----

---ତୁମକୁ ବହୁଥର କହିଲିଣି ନୂଆ ଚପଲଟିଏ କିଣିବାକୁ କିନ୍ତୁ ତୁମେ ଶୁଣୁନାହାଁ ମୁଁ କିଣି ଦେବାକୁ ଚାହିଁଲେ ଗ୍ରହଣ କରିବ ନାହିଁ । ଠିକ ଅଛି ମୁଁ କିଛି କହିବି ନାହିଁ । ମୋ କଥା ତୁମେ କେଉଁଠି ରଖୁଛ ଯେ ରଖିବ ।ହଉ ତୁମେ ଟିକେ ଆଖି ବୁଜିବ ତ ? ବୁଜିଲ ନା ଆଖି ।

---ହଁ , ଆଖି ବୁଜିଲି।

---ଏବେ ଆଖି ଖୋଲ ଆଉ ତୁମ ଚପଲଟି ଦିଅ ।

---ନା ନା ,ତୁମେ ମୋ ଚପଲକୁ ଧରିବ ? ଏହା କସ୍ମିନ କାଳେ ନୁହେଁ । ଏହା ବି ମୁଁ ଚାହେଁ ନାହିଁ । ତୁମକୁ ବି ଏହା କରାଇ ଦେବି ନାହିଁ । ତୁମେ ଜଣେ ବିତ୍ତଶାଳୀ ବ୍ୟକ୍ତିଙ୍କ ଝିଅ। ତୁମ ପାଇଁ ଏ ସବୁ ଶୋଭା ପାଏନା ।ତା ସହ ମୁଁ ଜଣେ ସାଧାରଣ ମଣିଷ ।

ଏଇ କଥା ମୁଁ ଆଗି ପସନ୍ଦ କରେନା । ତୁମକୁ ମୋଠୁ ଅଧିକ କିଏ ଜଣେ? ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ତୁମେ । ଅନେକ କୃତିତ୍ୱର ଅଧିକାରୀ । ଆଉ ରହିଲା ତୁମର ରୋଜଗାର। ଦିନେ ତୁମ ରୋଜଗାରକୁ ସମସ୍ତେ ସଲାମ କରିବେ । ଛାଡ ସେ କଥା। ଏସବୁ କଥା ଏବେ କୁହ ନାହିଁ ।ଏତିକି ଭାବ ଯେ ମୁଁ ତୁମର । ତୁମେ ମୋର । ଏତିକି କହି ରାନୁ ଚପଲ ଟାଣି ଆଣିଲା । ଅନାଇ ରହିଲା ଅସିତ । ନିଜ ବ୍ଲାଉଜରୁ ସେପ୍ଟିପିନ କାଢି ଚପଲର ଫିତାକୁ ଯୋଡ଼ିଦେଲା ବେଳକୁ ଆଙ୍ଗୁଠିରେ ଗଳିଗଲା ସେପ୍ଟିପିନ । ପତ୍ରରୁ ବର୍ଷାପାଣି ଝରିଲାପରି ଆଙ୍ଗୁଠିରୁ ରକ୍ତ ଝରିଲା । ଅସିତ ସ୍ତମ୍ଭୀଭୂତ ହୋଇଗଲେ ।ଆଖିରୁ ଦି ଟୋପା ଲୁହ ଝରିପଡିଲା । ରାନୁ କେତେ ଭଲପାଏ ସତେ ! ଅସିତ ରାନୁ ହାତକୁ ଧରି ପକାଇଲା । ଓଠରେ ଚୁମି ଶୋଷିଦେଲା ରକ୍ତ ବୁନ୍ଦାକୁ ।ବର୍ଷା ଏତିକି ବେଳକୁ ନାଚିଲା । ଆଃ ବର୍ଷା ଯେତିକି ବର୍ଷୁ ନଥିଲା ତାଠାରୁ ପ୍ରେମ ଅଧିକ ବର୍ଷୁଥିଲା ।---- କ'ଣ କହିବ ବୁଝି ପାରିଲାନି ରାନୁ । ଯାହାକୁ ସେ ପସନ୍ଦ କରିଛି ,ଯାହାକୁ ସେ ଭଲପାଇ ବସିଛି ସେ ତାକୁ ଗଭୀର ଭାବେ ପ୍ରେମ କରୁଛି ।ଏହା ହିଁ ତ ଦୁହିଁଙ୍କର ପ୍ରେମର ଦସ୍ତାବିଜ ।ପ୍ରେମର ସ୍ୱାକ୍ଷର ।

----ଥାଉ ଥାଉ ସେତିକି ଥାଉ, କିଏ ଦେଖି ନେବ ଯେ, ରାନୁ କହିଲା ।

---କିଏ ଦେଖିବ ତ ଦେଖୁ ।ଏ ତ ମୋ ପ୍ରେମର ଇସ୍ତାହାର ।ପ୍ରେମର ନଈ ଅଟକେ ନାହିଁ ।କିଏ ରୋକିବ ତାକୁ ।ଦେଖନ୍ତୁ ସମସ୍ତେ । ଜାଣନ୍ତୁ ସମସ୍ତେ। ମୁଁ ଭଲପାଏ ତୁମକୁ ।ତୁମେ ମୋର ପ୍ରେମର ଈଶ୍ୱରୀ ।

ରାନୁ ଆଖିରେ ଲୁହ ଜକେଇ ଆସିଲା । ଓଠ ଧାରାରେ ସ୍ମିତ ହସଟିଏ ଉକୁଟି ଉଠିଲା । ବର୍ଷା ତ

## ଅସ୍ତାଚଳ ମନସ୍କ

*ସୁଦର୍ଶନ ମହାପାତ୍ର*



ମୋ ସମୟ ସରି ଆସିଲାଣି
ଲିଭିଯିବ କେବେ ଜୀବନ ପ୍ରଦୀପ
ମାଟି ଦୀପ ପରି ପଡି ରହିଥିବ
ମୋର ପାର୍ଥିବ ଅସ୍ତିତ୍ୱ
ମୁଁ ହରେଇ ସାରିଥିବି
ରକ୍ତ,ମାଂସ, ଅସ୍ଥି ସମାହାରରେ ଗଢା
ମୋର ଏ ଶରୀର
ସବୁ କିଛି ଶ୍ମଶାନ ଜୁଇରେ ଜଳି
ସାଜି ସାରିଥବ ପାଉଁଶ
ଆଉ ତା ସହିତ ଜଳି ସାରିଥିବ
ମୋ ଉପରେ ହକ ଜାହିର କରୁଥିବା
ଲୋଭ ମୋହ ଅବା ଅହଂକାର

ମୋ ସାଥିରେ ନଥିବେ ପରିବାର
ଆତ୍ମୀୟ ସୋଦର
ମୋ ନିଜର ବୋଲି କିଛି ବି ନଥିବ
ଥିବ ଖାଲି....
ବିଗତ ର ବିଶାଳ ବିସ୍ମୃତି,
ସ୍ୱାର୍ଜିତ ବିଭବ,ଯଶ ଗଉରବ
ଆଉ କଳଙ୍କ କାଳିମା କବଳିତ
ଅପାଶୋରା ଅତୀତ
କିଛି ନିନ୍ଦା, ଅପବାଦ
କିଛି କୀର୍ତ୍ତି ଓ ପ୍ରଶସ୍ତି...

ପାପ କର୍ମ ପାଇଁ
ନିନ୍ଦୁଥିବ ସମାଜ
କିଛି ପୂଣ୍ୟ ପାଇଁ
କାହା ହୃଦୟ ରହିଥିବି ଜୀବିତ
ପାପ ପୂଣ୍ୟର ହିସାବ ନିକାଶ ରେ
ନୀରବତା ଭଙ୍ଗ କରୁଥିବା
ଆମ ଘର ସାମନା
ମୁଖ୍ୟ ଚଲାପଥ...!!!

*କୁଞ୍ଜବିହାରୀ ଲେନ, କଟକ*

## ପ୍ରାପ୍ୟ

*ରତ୍ନକାନ୍ତି ମିଶ୍ର*



ସେମାନଙ୍କୁ
କେବଳ ସେମାନଙ୍କ ହିସାବରେ
ବଞ୍ଚିବାକୁ ଦିଅ
ସେମାନଙ୍କୁ ସେମାନଙ୍କ ଭାଷାରେ
ଜୀବନର ମହତ୍ତ୍ୱ ବୁଝାଅ
ଛୁଇଁବାକୁ ଚାହାଁଥରେ
ସେମାନଙ୍କ ସରଳ ହୃଦୟ

ଅଙ୍କାବଙ୍କା ନକ୍ସା ଚିତ୍ର
ସେମାନଙ୍କୁ ବେଖାପ ଲାଗିବ
ସହଜ ରାସ୍ତାଟିଏ କେବେ
ସେମାନଙ୍କୁ ସାଦରେ ଦେଖାଅ
ଭିଟାମାଟି ମୋହରେ ମସଗୁଲ
ସେମାନେ
ସେଇ ବିଶ୍ୱାସ ପରମ୍ପରାରେ ସେମାନଙ୍କୁ
ଉଲ୍ଲସିତ ହେବାକୁ ଦିଅ

ଦେଖ ଥରେ...
ସ୍ଲୋଗାନରେ ଅଟକି ନଯାଉ
ସେମାନଙ୍କ ଭାଗ୍ୟ ଭବିଷ୍ୟତ
ନିଲାମ ନହେଉ
ସେମାନଙ୍କ ଭୋକର ଜ୍ୱାଳା
ହତଭାଗ୍ୟ ମେହନତି ମଣିଷ ସେମାନେ
ଭୁଲିବାକୁ ଦିଅ ତାଙ୍କୁ ଦୁଃଖଦ ଅତୀତ

ସେମାନଙ୍କୁ ନେଇ ଗଢାହେଉ
ସଭ୍ୟତାର ମୂଳଦୁଆ
ସେମାନଙ୍କ ପାଇଁ ଉଚ୍ଚାରିତ ହେଉ
ବିକାଶର ମହାମନ୍ତ୍ର
ମନେରଖ
ସେମାନଙ୍କ ଲହୁରେ ତିଆରି
ଏ ବିଶାଳ ଗଣତନ୍ତ୍ର

ସେମାନଙ୍କ ପ୍ରାପ୍ୟ ସେମାନଙ୍କୁ ଦିଅ
ଯାଚିଦିଅ ସେମାନଙ୍କୁ
ସ୍ନେହ ସମ୍ଭାଷଣ
ବାସ୍, ମିଳିଯାଉ ସେମାନଙ୍କୁ
ଅପହୃତ ସ୍ୱପ୍ନ
ଲିଭିଯାଉ ସବୁଦିନ ପାଇଁ
ସେମାନଙ୍କ ଶୋଷଣ କଷଣ...!!!

*ଆଳି,କେନ୍ଦ୍ରାପଡା*

## ଅତୀତର ଆଇନାରେ ସମୟ

*ନିରଞ୍ଜନ ସାହୁ*



ହଜିଗଲା ଦିନ ଖୋଜିଲେ ମିଳେନା
ମନ କିନ୍ତୁ ତାକୁ ଝୁରେ
ବହିଗଲା ପାଣି ଫେରି ତ ଆସେନା
କୂଳ କିନ୍ତୁ ତାକୁ ସ୍ମରେ ।
ସମୟର ଗତି ଆଗକୁ ଆଗକୁ
ପଛ ହୁଏ ଇତିହାସ
ଭବିଷ୍ୟତ କଥା କେ ' କହି ପାରେନା
ଆଜି ଅଛି କାଲି ନାଶ
ଆଜି ଯେ ଦାଣ୍ଡରେ ଭିକାରୀ ସାଜିଛି
କାଲି ସିଏ ରାଜପୁରେ ।
ହଜିଲା ସମୟ ସ୍ମୃତି ମହମହ
ବାସେ ମନ ଅଗଣାରେ
ପୋଡା ସଳିତାର ମହକ ନେଇ ସେ
ବାସ୍ନାମୟ ପ୍ରଗଣାରେ
ଏ ମନ ମାନେନା ଏ ମନ ବୁଝେନା
ରହିଲେ ବି ଯେତେ ଦୂରେ ।

*ନିହଳ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ-- ୭୫୯୦୧୬*
*ମୋ -୯୯୩୮୭୪୧୫୮୩*

## ହୃଦୟଟା ଦେଲାପରେ

*ରମାକାନ୍ତ ଦାସ*



ତୁମକୁ ହୃଦୟଟା ଦେଲାପରେ
ନିଜକୁ ତୁମପାଖେ
ହଜେଇ ଦେଲାପରେ
ନିଜକୁ ଖୋଜିବାଟା
ବହୁତ କଷ୍ଟକର !!
ତୁମ ଅଜାଣତେ
ତୁମକୁ ହୃଦୟଟା ଦେଲାପରେ
ହଜିଯାଇଛି ମୁଁ
ଅଦେଖା କେଉଁ ଏକ
ଅନାମ ସହରରେ
ମୋ ଅପ୍ରକାଶ୍ୟ ଭାବନାରେ
ମୁଁ ବିଭୋର ହୋଇ
ନିତି ସାଉଁଟେ
ବିଗତ ଦିନମାନଙ୍କର
ସ୍ମୃତି ସବୁକୁ ॥

*ନନ୍ଦିଗ୍ରାମ ,ନାଉଗାଁ ,ଜଗତସିଂହପୁର*
*ମୋ-୯୬୬୮୮୧୫୩୬୯*

## ଶୀତ

*ବାଉରିବନ୍ଧୁ ଲେଙ୍କା*



ତୁମ ଆଗମନେ ରୋମାଞ୍ଚିତ ହୋଇ
ଦେହ ମୋ ଶୀତେଇ ଯାଏ
କମ୍ବଳ ରେଜେଇ ଦୀର୍ଘ ନିଦ୍ରା ତେଜି
ଉଷ୍ମ ଆଲିଙ୍ଗନ ଦିଏ ? ୧ ?
ସକାଳ ସୂର୍ଯ୍ୟର ସୁନେଲି କିରଣ
ଧରା ଆଗମନ କାଳେ
ଶରତ ଶିଶିର ଅପସରି ଯାଏ
ଘନ କୁହୁଡ଼ିକା ଖେଳେ ? ୨ ?
ସବୁଜ ଶସ୍ୟ କ୍ଷେତ ଜାଣି ତୁମ
ଯଥାକାଳ ଆଗମନୀ
ସବୁଜ ପାଟ ତା ବଦଳାଇ ଦେଇ
ପିନ୍ଧିଛି ପୀତ ପଟନି ?୩?
ହସୁଛି ସେବତୀ ଡାଲିଆ ଗୋଲାପ
ବଢାଇ ଉଦ୍ୟାନ ଶୋଭା
ଭ୍ରମନ୍ତି ଭ୍ରମରେ ଗୁଣୁ ଗୁଣୁ ତାନେ
ଦୃଶ୍ୟ ଅତି ମନ ଲୋଭା ?୪ ?
ହଳଦୀ ବର୍ଣ୍ଣର ସୋରିଷ ଫୁଲର
ଅପରୂପ କାନ୍ତି ଦେଖି
ରାଗେ ଜର ଜର ହଳଦୀ ବସନ୍ତ
ବୁଜି ଦେଇଛି ତା ଆଖି ?୫ ?
କୋବି ବାଇଗଣ ପିଆଜ ରସୁଣ
ଧନିଆ କୋଶଳା ମୂଳା
ବଜାର ହାଟରେ ବିକା କିଣା ଲାଗି
ବେପାରୀ ମାନଙ୍କ ମେଳା ?୬ ?
ଶୀତୁଆ ପବନେ ରୁକ୍ଷ ହୋଇ ବୃକ୍ଷ
ପତ୍ର ସବୁ ଦେଇ ଝଡ଼ି।
ଅପେକ୍ଷା କରନ୍ତି ପଲ୍ଲବିତ ହେବେ
ଶୀତ ଯେବେ ଯିବ ଛାଡ଼ି ?୭ ?
ମାଆ ଲକ୍ଷ୍ମୀଙ୍କର ଆଗମନ ପାଇଁ
ଗୃହିଣୀ ଆନନ୍ଦ ମନ
ଝୋଟି ଚିତା ଲେଖି ସ୍ୱାଗତ କରିବେ
ମନସ୍କାମ ହେବ ପୂର୍ଣ୍ଣ ?୮ ?
ପଉଷ ପୂର୍ଣ୍ଣମୀ ଅଗ୍ନି ଉତ୍ସବାଦି
ଶୀତ ଦିନିଆ ପରବ
ଆନନ୍ଦ ଉଲ୍ଲାଶେ ପାଳନ କରିବେ
ଭୁଲି ଜାତି ଭେଦ ଭାବ ?୯ ?
କିଏ କାଟେ ନିଶି ପ୍ରିୟା ସହ ମିଶି
ରେଜେଇ କମ୍ବଳ ତଳେ
କିଏ ବିରହରେ ରାତ୍ରି ଉଜାଗରେ
ନୟନୁ ଲୋତକ ଢାଳେ ? ୧୦ ?
କିଏ ବାସହୀନ ଭୋଗଇ କଷଣ
ଖୋଜଇ ଆଶ୍ରୟ ସ୍ଥଳ
କିଏ ସାହା ହେବ ସ୍ୱାର୍ଥୀ ଦୁନିଆରେ
ହୀନ ତାହର କପାଳ ? ୧୧ ?
କାହା ପାଇଁ ତୁମେ ପୁଷ ମାସ ପୁଣି
କାହା ପାଇଁ ସର୍ବ ନାଶ
ତୁମ ଆଗମନେ କିଏ ପାଏ ଦୁଃଖ
କିଏ ହୁଅଇ ହରଷ ? ୧୨ ?
ଋତୁଚକ୍ରରେ ତୁମ ଅବସ୍ଥିତି ସଦା
ପ୍ରକୃତି ମଙ୍ଗଳ ପାଇଁ
ଯଥା ସମୟରେ ଆସିବା ପାଇଁକି
କେବେ ବି ଭୁଲିବ ନାହିଁ ? ୧୩ ?

*ଦ ପର୍ଲ ରେସିଡେନ୍ସି*
*ଦୁର୍ଗାମାଧବ ନଗର, ଭୁବନେଶ୍ୱର*
*୯୮୫୩୫୩୫୮୪୪*

# ଉତ୍ତମ ବନ୍ଧୁ



ସୁଷମା ପରିଡ଼ା

ପିଲା ବେଳ କଥା ହୁଏତ ଭିନ୍ନ ଥିବ କିନ୍ତୁ ହେତୁ ହେଲା ପରେ ବାପାଙ୍କ ସହିତ ମୁଁ ଜୀବନରେ କେବେ ଏକାଠି ଗୋଟିଏ ସୋଫାରେ ବସି ଗପସପ କରିନାହିଁ । ବେଳେବେଳେ ସେ ମୋତେ କିଛି କଥା ଛଳରେ ଉପଦେଶ ଦିଅନ୍ତି ଏବଂ ସେତକ ମୁଁ ତାଙ୍କ ପାଖରେ ଠିଆ ହୋଇ କେବଳ ମୁଣ୍ଡ ପୋତି ଶୁଣେ। ଆଉ ବାହାଘର ପରେ ତ ମୁଁ ତାଙ୍କ ପାଖରୁ ଏକ ରକମ ଦୂରେଇ ଯାଇଛି କହିଲେ ଚଳେ। ସେତେବେଳେ ତାଙ୍କ କଥା ର ନିର୍ଯ୍ୟାସ କ'ଣ ମୁଁ ଭାବି ପାରି ନଥିଲି, ବା' ଇଚ୍ଛା କରି ସେସବୁ ମୁଣ୍ଡରେ ପୁରାଇ ନଥିଲି ସେକଥା ମଧ ମୋ'ର ମନେ ନାହିଁ। କିନ୍ତୁ ଆଜି ଉତ୍ତର ବୟସରେ, ମୁଁ ତାଙ୍କ ଭଳି ବାପା ଟିଏ ହେଲାପରେ ସେସବୁ ର ମହତ୍ତ୍ୱ ବୁଝି ପାରୁଛି। ସେତେବେଳେ ମୋ'ର ବାପାଙ୍କ କଥା ବେଶୀ ମନେ ପଡୁଛି । ମୋ'ର ସ୍ୱଷ୍ଟ ଭାବରେ ମନେ ପଡୁଛି ସେଦିନ ସେ କହିଥିବା କଥା ଦି'ପଦ ..

ସେଦିନ ଥିଲା ଗ୍ରୀଷ୍ମ ଋତୁର ଏକ ଉତ୍ତପ୍ତ ଅପରାହ୍ନ । ନୂଆ ନୂଆ ବାହାଘର ପରେ ସସ୍ତ୍ରୀକ ବାହାରେ ରହୁଥିବା ମୁଁ, ଛୁଟିରେ ଆସିଥାଏ ଗାଆଁ କୁ । ବାଡିପଟ ଅଗଣା ରେ ପଡିଥିବା ପଟା ଖଟଟି ଉପରେ ବସି ଆମେ ବାପ ପୁଅ ମା' ହାତ ତିଆରି ଥଣ୍ଡା ଦହି ସରବତ ପିଉ ପିଉ ବନ୍ଧୁ ଭଳି ବୟସ୍କ ଜୀବନର ଯାବତୀୟ ଜଞ୍ଜାଳ କଥା ଗପୁଥାଉ। ମୁଁ ମୋ'ର ବିବାହୋତ୍ତର ଗୃହସ୍ଥ ଜୀବନ ର କର୍ତ୍ତବ୍ୟ, ସାମାଜିକ ଦାୟିତ୍ୱବୋଧ , ଚାକିରୀକ୍ଷେତ୍ର ର ବିଭିନ୍ନ ସମସ୍ୟା ଇତ୍ୟାଦି ଇତ୍ୟାଦି ଅନେକ କଥା ଗପୁଥାଏ ବାପା ଙ୍କ ପାଖରେ। ହଠାତ୍ ବାପା କଥା ମଝିରେ ଅଟକି ଗଲେ, ତାଙ୍କ ଅନ୍ତର୍ଭ ?ଦୀ ଦୃଷ୍ଟି ପହଁରେଇ ଆଣିଲେ ମୋ' ଉପରେ ଆଉ କହିଲେ " ସେ ସସବୁ ତ ଜୀବନ ର ସାଧାରଣ କଥା ରେ ପୁଅ।

ଯହୁଁ ଯହୁଁ ଆମେ ବଡ ହେବା ତହୁଁ ତହୁଁ ସେ ସମସ୍ୟା ଆହୁରି ବଢି ବଢି ଚାଲିବ, ତଥାପି ଆମକୁ ଜୀବନରେ ଆଗକୁ ଆଗକୁ ବଢି ବାକୁ ପଡିବ ସେଇ ସବୁ ସମସ୍ୟା ସହିତ। ସ୍ତ୍ରୀ,ପିଲା,ପରିବାର ସମସ୍ତଙ୍କୁ ତ ଦେଖିବାକୁ ପଡିବ ତଥାପି ଭଲ ବନ୍ଧୁ ମାନଙ୍କୁ ଜୀବନରେ କେବେ ଭୁଲିବୁନି । ତୋ'ର ସବୁ ସମୟ ତୁ' ପରିବାର କୁ ଦେ' ସେଥିରେ କିଛି ଆପତ୍ତି ନାହିଁ ତଥାପି ସେଇ ସମୟରୁ ଅଳ୍ପ କିଛି ବାହାର କରି ବନ୍ଧୁ ମାନଙ୍କ ସହ କଟେଇବୁ। ସେମାନଙ୍କ ସହ ସଂପର୍କ ରଖିବୁ ,ସେମାନଙ୍କ ସହ ଦୁଃଖ ସୁଖ ବାଣ୍ଟିବୁ, ହସଖୁସି କରିବୁ । ଦେଖିବୁ ତତେ ନିଶ୍ଚୟ ଭଲ ଲାଗିବ। ଆଉ ସବୁଠାରୁ ମହତ୍ୱପୂର୍ଣ୍ଣ କଥା ଟି ହେଲା ଭବିଷ୍ୟତ ରେ ଦିନେ ସେଇ ମାନେ ହିଁ ତୋ'ର କାମରେ ଲାଗିବେ। ତୁ ନିଜେ ଖୋଜିହେବୁ ସେମାନଙ୍କ ସାନିଧ୍ୟ । ଜୀବନରେ ଯଶ, ଐଶ୍ୱର୍ଯ୍ୟ ସବୁ ଆସିବ ଯିବ ହେଲେ ଭଲ ବନ୍ଧୁ ଟିଏ ଥରେ ମିଳିଲେ ସେ ସାରା ଜୀବନ ପାଇଁ ସାଥି ହୋଇଥିବ,...ହସି ହସି କହିଥିଲେ ବାପା ।

ମୁଁ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲି ତାଙ୍କ ମୁହଁ କୁ। ମନେମନେ ଭାବୁଥିଲି " କି କଥା ଇଏ ? ମା' ସବୁବେଳେ କହେ ସାଙ୍ଗସାଥୀଙ୍କ ମେଳରେ ରହି ତୁ ବିଗିଡି ଗଲୁଣି" । ହେଲେ ବାପା ? ସିଏ ତ' ସଂପୂର୍ଣ୍ଣ ଓଲଟା କଥା କହୁଛନ୍ତି ! ମୋ' ମୁଣ୍ଡରେ କିଛି ପଶୁନଥିଲା। ହୁଏତ ସେ ସମୟରେ ବାପାଙ୍କ କଥା ସବୁ ବୁଝିବାର ମାନସିକତା ହିଁ ନଥିଲା ମୋ'ର। ତଥାପି ବାପାଙ୍କର ସେକଥା ମନେ ରଖିଥିଲି ମୁଁ । ମୋ' ସାଙ୍ଗସାଥୀଙ୍କୁ କେବେହେଁ ଭୂଲି ନଥିଲି। ସେମାନଙ୍କ ସହ ମଝିରେ ମଝିରେ ଯୋଗାଯୋଗ ରକ୍ଷାକରି ଆସିଥିଲି।

ଏବେ ମୋତେ ଷାଠିଏ ବର୍ଷ ହେବା ପରେ ବାପାଙ୍କର ସେ ଦିନର କଥା ର ମହତ୍ତ୍ୱ ବୁଝୁଛି। ବୁଝି ପାରୁଛି ଯେ ସମୟରେ ବିବର୍ତ୍ତନ ରେ ମଣିଷ କୁ ବଦଳିବା ପାଇଁ ହୁଏ ।ଚାକିରୀ ର ପଦପଦବୀ, ରୂପ,ଯଶ ,ଐଶ୍ୱର୍ଯ୍ୟ , ସବୁ କ୍ଷଣସ୍ଥାୟୀ। ବୟସ ବଢିଲେ ସ୍ତ୍ରୀ ର ଆକର୍ଷଣ କମିଯାଏ, ପିଲାମାନେ ପାଠଶାଠ ପଢି ନିଜ ନିଜ ଡେଣା ଗାଡି ଉଡି ଯାଆନ୍ତି ନିଜର ଗନ୍ତବ୍ୟ ପଥରେ, ସବୁ ସମ୍ପର୍କ ହୁଗୁଳା ପଡିଆସେ , ସମୟ ର ତାଳେ ତାଳେ ଦୂରତା ବଢି ଚାଲେ। ଗୋଟାଏ ଶୂନ୍ୟତା ଆବୋରି ବସେ ମନକୁ। ଜୀବନର ଠିକ୍ ସେଇ ସମୟରେ ବନ୍ଧୁଟିଏ ଲୋଡା ପଡେ। ମନ କଥା ପଦେ କହିବା ପାଇଁ, ଦୁଃଖସୁଖ ଟିକିଏ ବାଣ୍ଟିବା ପାଇଁ । ଆଉ ଭଲ ବନ୍ଧୁ ମାନଙ୍କ ପାଇଁ ସମୟ କି ଦୂରତା କିଛି ମାନେ ରଖେନା'। ଯେତେ ଦୂରରେ , ଯେଉଁ ଅବସ୍ଥା ରେ ଥିଲେ ମଧ ଫୋନ୍ କଲ୍ ଟିଏ ମାତ୍ର ଲୋଡା ସେମାନଙ୍କ ସାନିଧ୍ୟ ପାଇଁ । ଫୋନ୍ ରିସିଭର୍ ସେପଟେ ସବୁବେଳେ ସେମାନଙ୍କ ଖୋଲା ହୃଦୟ, ପ୍ରସାରିତ ବାହୁ ଅପେକ୍ଷା କରି ରହିଥାଏ ତୁମ ଅନ୍ତର ର ସବୁ ଦୁଃଖ ସାଉଁଟି ନେଇ ନୈସର୍ଗିକ ଆନନ୍ଦର ଉଷ୍ମତା ଭରିଦେବା ପାଇଁ । ତୁମ ଜୀବନରୁ ଏକାନ୍ତ ପଣ ଏବଂ ସବୁ ବିଷାଦର କାଳିମା କୁ ଦୂରେଇ ଦେଇ ତୁମକୁ ଉତ୍ସାହିତ କରିବା ପାଇଁ । ନିଜକୁ ସଂପୂର୍ଣ୍ଣ ଏକା ମନେ କଲାବେଳେ ତୁମକୁ ମାନସିକ ଅବସାଦରୁ ମୁକ୍ତ କରିବା ପାଇଁ କେବଳ ଉତ୍ତମ ବନ୍ଧୁ ଟିଏ ହିଁ ସମର୍ଥ। ଉତ୍ତର ବୟସରେ କେବଳ ଉତ୍ତମ ବନ୍ଧୁ ଟିଏ ତୁମ ଉର୍ଜା ର ଅଫୁରନ୍ତ ସ୍ରୋତ ।

ତେଣୁ, ହେ ସୁଧୀଜନେ ! ଜୀବନରେ ଘର ପରିବାର, ପ୍ରତିଷ୍ଠା, ପଦବୀ ଇତ୍ୟାଦି ଇତ୍ୟାଦି ସବୁ କଥା ରଖନ୍ତୁ, ତତ୍ ସହିତ କିଛି ଭଲ ବନ୍ଧୁ ମଧ ସମ୍ପତ୍ତି କରି ରଖିଥାନ୍ତୁ । ଜୀବନର ଚଲା ପଥ ସୁଗମ ହେବ। ଶୋକ ରହିତ ହୋଇ ମଧୁମୟ ହେବ। ମନେ ପକାନ୍ତୁ ନା' ସେଇ ଆପ୍ତବାଣୀ ..

." କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର, ଯା'ର ପ୍ରାପତି ଲାଗି ଦେବତା ନର'

*ଶାରଳା ଭବନ ପୋତାପୋଖରୀ*
*ନୂଆବଜାର କଟକ*
*ମୋ-୯୩୩୭୨୭୨୬୪୭*

# ମୋ ଓଡ଼ିଶା

## ବହୁଜନଙ୍କ ଅଧିକାର ପାଇଁ ମିଳିତ ଲଢ଼େଇ ଅଭିଯାନକୁ ଅଲ୍ ଓଡ଼ିଶା ମୂଳ ନିବାସୀ ୟୁନାଇଟେଡ୍ ଫୋରମ୍ ଦାୟିତ୍ୱ



ଭୁବନେଶ୍ୱର (ପିଏନ୍): ରାଜ୍ୟରେ ଦଳିତ, ଆଦିବାସୀ, ପଛୁଆବର୍ଗ, ସଂଖ୍ୟାଲଘୁଙ୍କ ସାମାଜିକ ପରିବର୍ତ୍ତନ, ଅର୍ଥନୈତିକ ବିକାଶ ଓ ମୌଳିକ ଅଧିକାର ଅସୁରକ୍ଷିତ ହୋଇପଡ଼ିଥିବା ବେଳେ ସେମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥିବା ସରକାର ଓ ଜନପ୍ରତିନିଧି ଦଳ ସହ ମନୁବାଦୀ ବ୍ୟବସ୍ଥାରେ ବନ୍ଧା ପଡ଼ିଥିବାରୁ ଏହି ସମାଜକୁ ଉଦ୍ଧାର କରିବା ପାଇଁ ରାଜ୍ୟର ସମସ୍ତ ସମଭାବାପନ୍ନ ଆମ୍ବେଦକରବାଦୀ ଚିନ୍ତାଧାରା ସଙ୍ଗଠନକୁ ନେଇ ବହୁଜନ ଅଧିକାର ପାଇଁ ମିଳିତ ଲଢ଼େଇ କରିବାକୁ ବହୁ ସଙ୍ଗଠନ ମିଶି ଅଲ୍ ଓଡ଼ିଶା ମୂଳ ନିବାସୀ ୟୁନାଇଟେଡ୍ ଫୋରମ୍ ଗଠନ କରିଛନ୍ତି। ଲୋହିଆ ଏକାଡେମୀଠାରେ ବିଦ୍ୟାଧର ଦେହୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ବର୍ଷିୟାନ୍ ରାଜନେତା ଶ୍ରୀଯୁକ୍ତ ଭଜମନ ବେହେରା ଉପସ୍ଥିତ ହୋଇ ସମ୍ମିଳିତ ଲଢ଼େଇ ଓ ବୁଦ୍ଧ-ଆମ୍ବେଦକରଗାମୀ ହୋଇପାରିଲେ କୁସଂସ୍କାର ସହ ବିକାଶ ଓ ସୁରକ୍ଷା ମିଳିପାରିବ, ଯାହାକି ରାଜ୍ୟରେ ଏହି ମାର୍ଗକୁ ସରକାର ଦମନ କରିଚାଲିଛନ୍ତି। ତେଣୁ ପଲ୍ଲୀରୁ ସହର ପର୍ଯ୍ୟନ୍ତ ସମସ୍ତ ସମଭାବାପନ୍ନ ବ୍ୟକ୍ତିତ୍ୱ ଏଥିରେ ଯୋଗଦାନ କରି ରାଜ୍ୟରେ ଏକ ବିଶାଳ ପରିବର୍ତ୍ତନ କରିପାରିବେ ବୋଲି ଆହ୍ୱାନ ଦେଇଥିଲେ। ସ୍ୱାଧୀନତାର ୭୫ ବର୍ଷ ପରେ ରାଜ୍ୟରେ ଦଳିତମାନଙ୍କ ପାଇଁ ସରକାର କୌଣସି ଯୋଜନା କରିନାହାନ୍ତି ଏବଂ ରାଜ୍ୟ ଭିଜିଲାନ୍ସ ମନିଟରିଂ କମିଟି ମଧ୍ୟ ସରକାର ବସାଉନାହାନ୍ତି। ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉଥିବା ବେଳେ ଜନପ୍ରତିନିଧି ଓ ଉଚ୍ଚପଦସ୍ଥ ଅଧିକାରୀମାନେ ମୌନ ହୋଇ ରହୁଛନ୍ତି। ଏହି ସ୍ଥିତିରେ ମୂଳନିବାସୀ ସମାଜକୁ ବ□ାଇବାକୁ ହେଲେ ଯୁବ ଓ ମହିଳାମାନଙ୍କ ବୈଜ୍ଞାନିକ ଚିନ୍ତାଧାରାକୁ ଅଗ୍ରାଧିକାର ଦେବାକୁ ପଡ଼ିବ। ରାଜ୍ୟର ପ୍ରାୟ ୩୦ ଗୋଟି ସଂଗଠନର କର୍ମକର୍ତ୍ତା ମିଳିତ ହୋଇ ଏକ ରାଜ୍ୟସ୍ତରୀୟ ପରିଚାଳନା କମିଟି ଗଠନ କରିଥିଲେ। ଏଥିରେ ସର୍ବସମ୍ମତକ୍ରମେ ବିଦ୍ୟାଧର ଦେହୁରୀଙ୍କୁ ରାଜ୍ୟ ସଂଯୋଜକ, ମନୋରଞ୍ଜନ ଜେନାଙ୍କୁ କାର୍ଯ୍ୟକାରୀ ସଂଯୋଜକ, ନିହାର ରଞ୍ଜନ ସାମଲଙ୍କୁ ସାଧାରଣ ସମ୍ପାଦକ, ଲିଟୁ ଦାସଙ୍କୁ ଯୁବ ସଂଯୋଜକ, ଅନିଲ କୁମାର ମଲ୍ଲିକଙ୍କୁ ଛାତ୍ର ସଂଯୋଜକ, ପ୍ରମୋଦିନୀ ମଲ୍ଲିକଙ୍କୁ ମହିଳା ସଂଯୋଜକ, ଇକ୍‌ବାଲ ହୁସେନ୍‌ଙ୍କୁ ସଂଖ୍ୟାଲଘୁ ସେଲ୍ ସଂଯୋଜକ, ଉପଦେଷ୍ଟା ଭାବେ ଅଶୋକ କୁମାର ନାୟକ, ଗୌତମ ଗୋପାଲ, ଅମୀୟ ଭୂଷଣ ସେଠୀ, ବାବାଜୀ ଚରଣ ମଲ୍ଲିକ, ଲକ୍ଷ୍ମଣ ମଲ୍ଲିକ, ଲିଙ୍ଗରାଜ ଭୋଇ, ସୁନାକର ବେହେରା, ତମନ୍ନା ଭୋଇ, ମଞ୍ଜୁଲତା ସ୍ୱାଇଁ, ଦୈତାରି ନାୟକ, ଆଡ୍‌ଭୋକେଟ୍ ରଞ୍ଜନ ମଲ୍ଲିକ, ପଶ୍ଚିମ ଓଡ଼ିଶା ସଂଯୋଜକ ଦିଗମ୍ବର ଧୂରିଆ, ସନ୍ତୋଷ ବେହେରା, ପଛୁଆ ବର୍ଗ ସଂଯୋଜକ ବିଜୟାନନ୍ଦ ବାରିକ, ଟୁକୁ ମାଝୀ, ବିଚିତ୍ରାନନ୍ଦ ସେଠୀ, ମାୟାଧର ଜେନା, ଟିକିନା ପରିଡ଼ା, ନରୋତ୍ତମ ଭୋଇ ପ୍ରମୁଖଙ୍କୁ କମିଟିରେ ନିଆଯାଇଥିଲା। ଲୋକନାଥ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟାସ ଫାଉଣ୍ଡେସନର ବାର୍ଷିକ ଉତ୍ସବ ଓ ପତ୍ରିକା ଉନ୍ମୋଚନ

ପାରାଦୀପ (ପିଏନ୍)- ବ୍ୟାସ ଫାଉଣ୍ଡେସନର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ଗୀତା ଜ୍ଞାନନ ପତ୍ରିକାର ଚତୁର୍ଥ ସଂଖ୍ୟା ଉନ୍ମୋଚନ ହୋଇଯାଇଛି । ସେବା ଓ ଆଧ୍ୟାତ୍ମିକ ପ୍ରଚାର ପ୍ରସାର ଧର୍ମୀ ବ୍ୟାସ ଫାଉଣ୍ଡେସନର ଦ୍ୱିତୀୟ ବାର୍ଷିକ ଉତ୍ସବ ତଥା ତ୍ରୈମାସିକ ଆଧ୍ୟାତ୍ମିକ ପତ୍ରିକା ଜ୍ଞାନନର ଚତୁର୍ଥ ସଂଖ୍ୟା ପାରାଦୀପ ମଧୁବନସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବରେଣ୍ୟ ମଂଚାସୀନ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ସେବା ତଥା ସବୁରି ହାତରେ ଗୀତା ଏହା ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ରହିଛି । ଗୀତା ପଢିବା ଜୀବନ ଗଢିବା ଏହି ସ୍ଲୋଗାନକୁ ପାଥେୟ କରିଥିବା ବ୍ୟାସ ଫାଉଣ୍ଡେସନ ଦୀର୍ଘଦିନ ହେବ ଜିଲ୍ଲା ତଥା ଜିଲ୍ଲା ବାହାରେ ବହୁ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରି ପ୍ରଶଂସା ଭାଜନ ହୋଇପାରିଛି । ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଅଧକ୍ଷତା କରିଥିବା ବେଳେ ଅନୁଷ୍ଠାନର ସଭାପତି ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା ମଂଚ ପରିଚାଳନା କରିଥିଲେ । ଅତିଥି ଭାବେ ଡ. ଚିଦାନନ୍ଦ ସରସ୍ୱତୀ, ସ୍ମୃତି ସାଗର ମହାରାଜ, ପାରାଦୀପ ପୌରାଧକ୍ଷ ବସ‘ ବିଶ୍ୱାଳ, ଅଧ୍ୟାପକ ପ୍ରଶା‘ କୁମାର ଶତପଥୀ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ବ୍ରହ୍ମଚାରୀ ପ୍ରମୋଦ କୁମାର କର, ଦେବେନ୍ଦ୍ର ନାଥ ରାଉତ ପ୍ରମୁଖଙ୍କ ସୁବକ୍ତବ୍ୟରେ ସର୍ବକାଳିନ ଗୀତାର ପ୍ରସଙ୍ଗିକତା ଉପରେ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସଂଗଠନର ଉପଦେଷ୍ଟା ବଂଶୀଧର ଆଚାର୍ଯ୍ୟ, ଉପସଭାନେତ୍ରୀ ରଶ୍ମିତା ନାୟକ, କର୍ମକର୍ତ୍ତା ଡ. ସୁନାକର ବେହେରା, ନଗେନ୍ଦ୍ର ନାଥ ସ୍ୱାଇଁ, ସମାଗୋଳ ଜେଲ ଅଧିକ୍ଷକ ହେମ‘ କୁମାର ସେଠୀ, ଜଟାଧାର ଷ୍ଟିଲର ରଂଜନ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସଂଗଠନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଗୀତା ଜ୍ଞାନନ ପତ୍ରିକାର ସହ ସମ୍ପାଦକ ନଗେନ୍ଦ୍ର ନାଥ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳ ପଣ୍ଡିତ ଅଭୟ କୁମାର ଦାସ ଧନ୍ୟବାଦ ଅପର୍ଣ କରିଥିଲେ । କାର୍ଯ୍ୟକ୍ରମରେ ବହୁ ପ୍ରତିଭା ମାନଙ୍କୁ ବ୍ୟାସପୁତ୍ର, ଆଦର୍ଶ ଦମ୍ପତି, ବ୍ୟାସ ପ୍ରତିଭା ଓ ବ୍ୟାସ ସେବା ସମ୍ମାନରେ ସମ୍ମାନୀତ କରାଯାଇଥିଲା ।

## ବଡ଼ଚଣା କଂଗ୍ରେସର ମିଶ୍ରଣ ପର୍ବ



ଦର୍ପଣ (ପିଏନ)-ବଡ଼ଚଣା କଂଗ୍ରେସ କମିଟି ପକ୍ଷରୁ ବନ୍ତଳା ପଞ୍ଚାୟତର ବାରିମୂଳ ଠାରେ ଗୋରେଖନାଥ ପିଠ ପ୍ରାଙ୍ଗଣରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବାରିମୂଳ ଗ୍ରାମର ଅନେକ ବିଜେଡି ଓ ବିଜେପି ଦଳର କର୍ମକର୍ତ୍ତା ଉଭୟ ଦଳ ପରିତ୍ୟାଗ କରି କଂଗ୍ରେସ ଦଳ ଉପରେ ଆସ୍ଥା ପ୍ରକଟ କରି ବିଧିବଦ୍ଧ ଭାବେ ଯୋଗଦେଇଛନ୍ତି। ବଡ଼ଚଣା କଂଗ୍ରେସ ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ବାରିମୂଳ ଗ୍ରାମର ଅନିଲ ମଲିକ, ଗୋକୁଳାନନ୍ଦ ମହାନ୍ତି, ଜୟଦେବ ରାଉତ, ସୁନୀଲ ସାହୁ, ବିକାଶ ପରିଡା, କୈବଲ୍ୟ ରାଉତ, ତରଣୀ ବାହାଲିଆ,ବାଇନ ପ୍ରତାପ, ମାନସ ମଲିକ, ଦୀପକ ପ୍ରତାପ, ସୁଧାନିଧି ବେହେରା, ମହେନ୍ଦ୍ର ଓଝା, ଉମେଶ ସାହୁ, ଅଜୁ ମଲିକ, ଆଶୁତୋଷ ବାହାଲିଆ,ବୀରବର ମହାନ୍ତି, ଅରୁଣ ମଲିକ, ପ୍ରଦୀପ ସାହୁ,ଅନିଲ ନାୟକ,ପ୍ରମୁଖ ଉଭୟ ବିଜେଡି ଓ ବିଜେପି ଦଳ ପରିତ୍ୟାଗ କରି କଂଗ୍ରେସରେ ସାମିଲ ହୋଇଛନ୍ତି ଓ ଏହି ମିଶ୍ରଣ ପର୍ବରେ ବ୍ଲକ କଂଗ୍ରେସ କମିଟି ଉପସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ଛାତ୍ର ସଭାପତି ସଂଜୀବ ସାମଲ , ଜିଲ୍ଲା ଯୁବ କଂଗ୍ରେସ ସମ୍ପାଦକ ସତ୍ୟବ୍ରତ ସାମଲ ,ପଞ୍ଚାୟତ ସଭାପତି ଚିତ୍ତରଞ୍ଜନ ପଣ୍ଡା, ମିର୍ଜା ସାଜନ ବେଗ,ଯଦୁନାଥ ସାହୁ, ହେମନ୍ତ ସ୍ୱାଇଁ, ପରମାନନ୍ଦ ମହାରଣା, ମାନସ ରଞ୍ଜନ ପଣ୍ଡା ପ୍ରମୂଖ ଉପସ୍ଥିତ ଥିଲେ।

## କେନ୍ଦ୍ର ବିଜେପି ସରକାରର ୮ବର୍ଷ ଶାସନ କାଳରେ ଚାଷୀ ବେହାଲ



ଭୁବନେଶ୍ୱର (ପିଏନ୍)- କେନ୍ଦ୍ର ବିଜେପି ସରକାରର ଶାସନ କାଳରେ ସାରା ଭାରତବର୍ଷରେ ଚାଷୀ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ବିଜେପି ଦଳ ଶାସନକୁ ଆସିବା ପରେ ପ୍ରଥମେ ଯେଉଁ ଭୂମି ଅଧିଗ୍ରହଣ ବିଲ୍ ଓ ପରେ ତିନୋଟି କଳା କୃଷି ଆଇନ ପ୍ରଣୟନ କରିଥିଲେ ଏହା ସମ୍ପୂର୍ଣ୍ଣ ଜନବିରୋଧୀ ଓ କୃଷକ ବିରୋଧୀ ହୋଇଥିବା ଯୋଗୁଁ ଚାପରେ ବାଧ ହୋଇ ସରକାର ଏହା ପ୍ରତ୍ୟାହାର କରିଛନ୍ତି। ଆଜି ପର୍ଯ୍ୟନ୍ତ ଘୋଷଣା ଅନୁଯାୟୀ ସ୍ୱାମୀନାଥନ କମିଟି ସୁପାରିଷ ଆଧାରରେ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଦେଢ଼ଗୁଣ ବୃଦ୍ଧି ଓ ଆଇନଗତ ଗ୍ୟାରେଣ୍ଟିର ବ୍ୟବସ୍ଥା କରାଗଲା ନାହିଁ। ସେହିଭଳି ସାରର ଅହେତୁକ ମୂଲ୍ୟବୃଦ୍ଧି, ଆଦାନି, ଅମ୍ବାନୀ ପରି ବଡ଼ ବଡ଼ ଉଦ୍ୟୋଗପତିଙ୍କୁ ଲକ୍ଷ ଲକ୍ଷ ଟଙ୍କା ଋଣ ଛାଡ଼ କରାଯାଉଥିବା ବେଳେ କରଜ ଭାରରେ ଥିବା ଚାଷୀଙ୍କଠାରୁ କୃଷି ଋଣ ଛାଡ଼ କରାଗଲା ନାହିଁ। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଚାଷୀଙ୍କ ହିତ ପରିବର୍ତ୍ତେ ଘରୋଇ ବୀମା କମ୍ପାନୀ ଓ ସରକାର ଲାଭ ଉଠାଇଛନ୍ତି। ଦେଶର ସମସ୍ତ ଚାଷୀଙ୍କୁ ପି.ଏମ୍.କିଷାନରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ଆକାଶ ଛୁଆଁ ଦରଦାମ ବୃଦ୍ଧି, ଜି.ଏସ୍.ଟି ସବୁ ବର୍ଗଙ୍କୁ ବ୍ୟଥିତ କରିଛି। ଏହାର ପ୍ରତିବାଦରେ ଗତ ୯ ତାରିଖ ଦିନ ଅଖିଳ ଭାରତ କିଷାନ କଂଗ୍ରେସ ପକ୍ଷରୁ ନୂଆଦିଲ୍ଲୀ ଜନ୍ତର ମନ୍ତରଠାରେ ଏ.ଆଇ.ସି.ସି କିଷାନ କଂଗ୍ରେସ ଅଧକ୍ଷ ଶ୍ରୀଯୁକ୍ତ ସୁଖପାଲ ସିଂ ଖୈରାଙ୍କ ନେତୃତ୍ୱରେ ଦେଶର ସବୁ ରାଜ୍ୟରୁ ଆସିଥିବା ୧୦ ହଜାରରୁ ଉର୍ଦ୍ଧ୍ୱ ଚାଷୀ ପ୍ରତିନିଧିମାନଙ୍କୁ ନେଇ ମୋଦି ସରକାର ବିରୁଦ୍ଧରେ ଆକ୍ରୋଶ ପ୍ରଦର୍ଶନ କରାଯାଇ କେନ୍ଦ୍ର ସରକାରଙ୍କୁ ଚେତାବନୀ ଦିଆଯାଇଛି। ଏହି ସବୁ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରା ନ ଗଲେ ସବୁ ରାଜ୍ୟରେ ଜିଲ୍ଲାଠାରୁ ବ୍ଲକ ପର୍ଯ୍ୟନ୍ତ ଚାଷୀ ଆନ୍ଦୋଳନକୁ ଦୁର୍ବାର କରାଯିବ ବୋଲି ସ୍ଥିର କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ଯୋଗଦେଇ କେନ୍ଦ୍ରରେ ବିଜେପି ସରକାରରେ ଓଡ଼ିଶାର ଚାଷୀକୁଳ ସବୁ ଦିଗରୁ ସର୍ବସ୍ୱାନ୍ତ ହେବାକୁ ବସିଲେଣି। ସଂଘୀୟ ବ୍ୟବସ୍ଥାର ବ୍ୟତିକ୍ରମ ଯୋଗୁଁ ଚାଷୀ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ। ନିର୍ଦ୍ଧାରିତ ଏମ.ଏସ.ପି ପାଇବାରୁ ବ□ିତ। ଫଳରେ ଚାଷୀ କ୍ୱିଣ୍ଟାଲ ପିଛା୧୫ଶହ ୧୬ ଶହ ଟଙ୍କାରେ ଧାନ ବିକ୍ରି କରୁଛନ୍ତି। ପ୍ରଧାନମନ୍ତ୍ରୀ ଫସଲବୀମା ରାଶି ପାଇବାରେ ଅହେତୁକ ବିଳମ୍ବ ଓ ପ୍ରାକୃତିକ ବିପର୍ଯ୍ୟୟରେ ଫସଲ କ୍ଷତିଗ୍ରସ୍ତ ଚାଷୀମାନେ କୃଷି ଇନପୁଟ୍ ସହାୟତା ପାଇବାରୁ ମଧ୍ୟ ବ□ିତ ହେଉଛନ୍ତି। ସାରର ଅହେତୁକ ମୂଲ୍ୟ ବୃଦ୍ଧି ଚାଷୀ ପାଇଁ କାଳ ସାଜିଛି ବୋଲି ବିଜେପି ସରକାରର ଏପରି ଚାଷୀମାରଣ ନୀତିକୁ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହିତ କେନ୍ଦ୍ର ସରକାର ତୁରନ୍ତ ଧାନ କ୍ୱିଣ୍ଟାଲ ପ୍ରତି ୨୯୩୦ ଟଙ୍କାକୁ ବୃଦ୍ଧି, ଏମ.ଏସ.ପିରେ ଆଇନଗତ ଗ୍ୟାରେଣ୍ଟି, ପ୍ରତି ରାଜସ୍ୱ ଗ୍ରାମକୁ ଫସଲବୀମାରେ ଏକକ ୟୁନିଟ୍, ଅଧିକ ଅମଳକ୍ଷମ ଫସଲକୁ ବୀମାଭୂକ୍ତ, ପ୍ରଧାନମନ୍ତ୍ରୀ ଫସଲବୀମା ରାଶି ଠିକଣା ସମୟରେ ଚାଷୀଙ୍କୁ ପ୍ରଦାନ, ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କ ପାଇଁ ପ୍ରଚଳିତ କୃଷି ଇନପୁଟ୍ ସବସିଡ଼୍ର ୩ ଗୁଣା ବୃଦ୍ଧି, ବଡ଼ ବଡ଼ କୋଟିପତିଙ୍କ ପରିବର୍ତ୍ତେ ସମସ୍ତ ଚାଷୀଙ୍କଠାରୁ କୃଷିଋଣ ଛାଡ଼, ପି.ଏମ୍. କିଷାନ ନିଧି ଯୋଜନାରେ ଏଡ଼ିଶାର ସମସ୍ତ ଚାଷୀଙ୍କୁ ଅନ୍ତର୍ଭୁକ୍ତ ଓ ତିନୋଟି କିସ୍ତିରେ କେନ୍ଦ୍ର ପକ୍ଷରୁ ବାର୍ଷିକ ୧୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ ଏବଂ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ଠିକ୍ ସମୟରେ ଓଡ଼ିଶାକୁ ସୁଲଭ ମୂଲ୍ୟରେ ସାର ଯୋଗାଣ ଏବଂ ଏକ ପ୍ରତିଶତ ସୁଧ ହାରରେ ଚାଷୀଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପକାଳୀନ କୃଷିଋଣ ଯୋଗାଇଦେବା ପାଇଁ ଅଧକ୍ଷ ଶ୍ରୀ ପଟ୍ଟନାୟକ ପିସିସି କିଷାନ କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବୀ କରିଛନ୍ତି।

## ଜେୟୁଜେର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ



ଧର୍ମଶାଳା (ପିଏନ୍): ଓୟୁଜେ ଯାଜପୁର ଜିଲ୍ଲା ଶାଖା(ଜେୟୁଜେ)ର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ଜାରକାସ୍ଥିତ ଧର୍ମଶାଳା କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ଆଦିତ୍ୟ କୁମାର ମେକାପ୍‌ଙ୍କ ସଭାପତିତ୍ୱରେ ପରିଚାଳିତ ବୈଠକରେ ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାଁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର ସାମ୍ବାଦିକମାନଙ୍କ ପାଇଁ ଯେଉଁସବୁ ସୁବିଧା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରିବାରେ ବିଫଳ ହୋଇଛି । ଆଗାମୀ ଦିନରେ ସାମ୍ବାଦିକ ସଙ୍ଗଠନ ମାଧ୍ୟମରେ ଏହାର ପ୍ରତିବାଦ କରାଯିବ ବୋଲି କହିଥିଲେ । ଓୟୁଜେର ରାଜ୍ୟ ଉପସଭାପତି କିଶାନ ରାଉତ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଅଭୟ କୁମାର ପତି, ରାଜ୍ୟ ସମ୍ପାଦକ ପ୍ରସନ୍ନ ପାଇକରାୟ, ସ୍ମରଜିତ୍ ମହାଁ ଓ ରାଜ୍ୟ ୟୁନିଅନ କଲ୍ୟାଣ ବୋର୍ଡ ସଭାପତି ରାଜୀବ ମହାଁ ଓ ଜିଲ୍ଲା ସମ୍ପାଦକ ଦେବପ୍ରସାଦ ସାହୁ ଯୋଗଦେଇ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସାମ୍ବାଦିକ ପ୍ରବୋଧ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସମ୍ବାଦର ଯାଜପୁର ଜିଲ୍ଲା ପ୍ରତିନିଧି ସଂଗ୍ରାମ କେଶରୀ ସିଂହ, ସାମ୍ବାଦିକ ହର୍ଷବର୍ଦ୍ଧନ ବେହେରା, ପ୍ରଦୀପ କୁମାର ପରିଡ଼ା ଓ ପରିବେଶବିତ୍ ଶ୍ରୀନିବାସ ଜେନାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ସାମ୍ବାଦିକ ଆନନ୍ଦ ଚନ୍ଦ୍ର ମହାରଣା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଦ୍ୱିତୀୟ ଅଧିବେଶନରେ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସଭାପତି ଭାବେ ଆଦିତ୍ୟ ମେକାପ, କାର୍ଯ୍ୟକାରୀ ସଭାପତି ବିଶ୍ୱଜ୍ୟୋତି ପତି ଓ ସମ୍ପାଦକ ଭାବେ ପ୍ରବୋଧ ମିଶ୍ର ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ । ସାମ୍ବାଦିକ ସୁବ୍ରତ କୁମାର ଜେନା ଧନ୍ୟବାଦ ଦେଇଥିଲେ ।

## ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ ପକ୍ଷରୁ ବିଶାଳ ରକ୍ତଦାନ ଶିବିର

ବାଲେଶ୍ୱର (ପିଏନ)-ବାଲେଶ୍ୱର ଜିଲ୍ଲା ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ଆଖି ଆଗରେ ରଖି ସାମାଜିକ ଅନୁଷ୍ଠାନ ଏସଆରବି ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ଫକୀରମୋହନ ମେଡ଼ିକାଲ କଲେଜ ପରିସରରେ ଥିବା ରକ୍ତଭଣ୍ଡାରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏସଆରବି ସ୍ୱସ୍ତିକ ପୋଭର୍ଟି ଫାଉଣ୍ଡେସନର ଅଧକ୍ଷା ସଂଯୁକ୍ତା ରାଣୀ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନିଲୁ ମହାପାତ୍ର ଓ ବାଲେଶ୍ୱର ପୌରପାଳିକାର ପୌରାଧକ୍ଷା ଶ୍ରୀମତୀ ସବିତା ସାହୁ ଅତିଥି ରୂପେ ଯୋଗଦେଇ ଫିତା କାଟି ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ମହମ୍ମଦ ସାହିରୁଲ୍ ହକ୍ ଶିବିର ରେ ଉପସ୍ଥିତ ରହି ରକ୍ତଦାତା ଯୁବପିଢ଼ିଙ୍କୁ ରକ୍ତଦାନର ମହତ୍ତ୍ୱ ବୁଝାଇଥିଲେ। ସମାଜସେବୀ ତଥା ଯୁବନେତା ବିକ୍ରମ ପଣ୍ଡା, କାଉନସିଲର ରଞ୍ଜିତା ମହାପାତ୍ର, ଦୀପକ୍ ପ୍ରଧାନ, ଅମିତା ଚାନ୍ଦ, ସବିତା ମହାନ୍ତି, ରଞ୍ଜିତ କୁମାର ପୁଷ୍ଟି, ରଜତ ବାରିକ, ଗତିକୃଷ୍ଣ ପାତ୍ର, ସୁଶାନ୍ତ ରାଣା, ଛବିରାଣୀ ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ରହି ଶିବିର ରେ ସହଯୋଗ କରିଥିଲେ। ତେବେ ଏହି ଶିବିରରୁ ମୋଟ୍ ୪୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ‘ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଙ୍ଗୀତ ଇତିହାସ’ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର (ପିଏନ୍): ୨୦୨୦ ମସିହା ଜୁନ ମାସ ୭ ତାରିଖ ଦିନ ‘ବନ୍ଦେ ଉତ୍କଳ ଜନନୀ’ ସଙ୍ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତା ମିଳିଥିଲା । ଏହା ପୂର୍ବରୁ ୧୯୯୪ ମସିହା ଡିସେମ୍ବର ମାସ ୨୧ ତାରିଖ ଦିନ ଠାରୁ ବିଧାନସଭାରେ ମର୍ଯ୍ୟାଦାର ସହିତ ପ୍ରଥମେ ଗାନ କରାଯାଇଥିଲା । ଏହି ୧୯୯୪ ମସିହାରୁ ୨୦୨୦ ମସିହା ପର୍ଯ୍ୟନ୍ତ ‘ବନ୍ଦେ ଉତ୍କଳ ଜନନୀ’ ସଙ୍ଗୀତକୁ ରାଜ୍ୟ ସଙ୍ଗୀତ ମାନ୍ୟତା ପାଇଁ ବହୁ ସଂଗ୍ରାମ କରାଯାଇଥିଲା । ଏହି ସଂଗ୍ରାମ ଚାଲିଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସୂଚନା ଅଧିକାର ଆଇନ୍ ବଳରେ ହେଉ କିମ୍ବା ଅନ୍ୟ ମାଧ୍ୟମରେ ହେଉ ସଂଗ୍ରହ କାରାଯାଇଥିଲା । ଏହିସବୁ ତଥ୍ୟ ସମ୍ବଳିତ ରାଜ୍ୟ ସଙ୍ଗୀତର ଇତିହାସ ପୁସ୍ତକକୁ ମାନ୍ୟବର ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି । ଉନ୍ମୋଚନ ପରେ ଶ୍ରୀଯୁକ୍ତ ପଟ୍ଟନାୟକ ପ୍ରଥମ ତିନି ଖଣ୍ଡ ପୁସ୍ତକ ଗାନ୍ଧୀବାଦି ନେତା, ଲେଖକ ଓ ସ୍ତମ୍ଭକାର ପଦ୍ମଚରଣ ନାୟକ, ପୂର୍ବତନ ମନ୍ତ୍ରୀ ତଥା ଲେଖକ ପଞ୍ଚାନନ କାନୁନଗୋ ଓ ବନ୍ଦେ ଉତ୍କଳ ଜନନୀର ରଚୟୀତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଦାୟାଦ ଗୁରୁ କଲ୍ୟାଣ ମହାପାତ୍ରଙ୍କୁ ପ୍ରଦାନ କରିଥିଲେ । ଉନ୍‌ମୋଚନ ଉତ୍ସବରେ ପୁସ୍ତକର ଲେଖକ ତଥା ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ସହିତ ମାନସ ରଂଜନ ସାମଲ ଓ କ୍ଷେତ୍ରବାସୀ ନାୟକ ଉପସ୍ଥିତ ଥିଲେ ।

## ସରୋଜ ପ୍ରଧାନଙ୍କ ବିୟୋଗରେ ଶୋକ

ଦର୍ପଣ (ପିଏନ)-ବଡ଼ଚଣା ବ୍ଲକ ଦେଉଳକୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ଗୋପୀନାଥ ପ୍ରଧାନଙ୍କ ଚତୁର୍ଥ ପୁତ୍ର ସରୋଜ ପ୍ରଧାନଙ୍କ ୫୩ ବର୍ଷ ବୟସରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ପ୍ରାକ୍ତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ବିଧାୟକ ଅମରପ୍ରସାଦ ଶତପଥି, ସାଂସଦ ଅଚ୍ୟୁତ ସାମନ୍ତ, ଡ଼କ୍ଟର ଅଜୟ କୁମାର ଲେଙ୍କା, ଅଧ୍ୟାପକ ଉମେଶ ରାଉତ, ଇଞ୍ଜିନିଅର ରଶ୍ମିରଞ୍ଜନ ପ୍ରଧାନ, ପ୍ରଦୀପ୍ତ କୁମାର ପ୍ରଧାନ, ରମାକାନ୍ତ ରାଉତ, ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ସରୋଜ ବହୁ ଦିନରୁ ବଡ଼ଚଣା ବଜାରରେ ଏକ ଔଷଧ ଦୋକାନ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। ବଡ଼ଚଣା ମେଡିକାଲକୁ ଆସୁଥିବା ଗରିବ ରୋଗୀମାନଙ୍କୁ ସେ ବିଭିନ୍ନ ଉପାୟରେ ସାହାଯ୍ୟ କରି ବେଶ ଲୋକପ୍ରିୟତା ହାସଲ କରିଥିଲେ। ସେ କିଛିଦିନ ହେବ ଗୁରୁତର ରୋଗରେ ଆକ୍ରାନ୍ତ ହୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ।

## ବରିଷ୍ଠ ନାଗରିକମାନଙ୍କର ଅର୍ଥ ବିନିଯୋଗ ଉପରେ ଆଲୋଚନାଚକ୍ର

ବାଲେଶ୍ୱର (ପିଏନ୍): ଫକୀର ମୋହନ କଲେଜ୍ ପୁରାତନ ଛାତ୍ର ସଂସଦ ତରଫରୁ ବରିଷ୍ଠ ନାଗରିକଙ୍କର ଇନକମ୍ ଟ୍ୟାକ୍ସ ଦାଖଲ ଓ କେଉଁ ଯୋଜନାରେ ଅର୍ଥ ବିନିଯୋଗ କରିବେ ତାହା ଉପରେ ଏକ ଆଲୋଚନାଚକ୍ର ଡା. ପ୍ରଭାତ ଚନ୍ଦ୍ର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି। ଆଲୋଚନାଚକ୍ରରେ ସାଂଗଠନିକ ସମ୍ପାଦକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆଲୋଚନାଚକ୍ରର ଆଲୋଚକ ସଂସଦର ଅର୍ଥ ସମ୍ପାଦକ ଚାଟାର୍ଡ଼ ଆକାଉଣ୍ଟାଣ୍ଟଶ୍ରୀଯୁକ୍ତ ପ୍ରଦୀପ କୁମାର ପଣ୍ଡା ତାଙ୍କର ବକ୍ତବ୍ୟରେ ବରିଷ୍ଠ ନାଗରିକମାନେ କେଉଁକେଉଁ ଯୋଜନାରେ ଅର୍ଥ ବିନିଯୋଗ କଲେ ଲାଭ ପାଇବେ ଓ ଇନ୍‌କମ୍ ଟ୍ୟାକ୍ସ ରିଟର୍ଣ୍ଣ କିପରି ଦାଖଲ କରିବାକୁ ହେବ ଓ କ୍ଲେମ୍ କିପରି ଫାଇଲ୍ ହେବ ପ୍ରଭୃତି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ସଂସଦର ସଭ୍ୟ ସୁରଞ୍ଜନ ଦାସମହାପାତ୍ର, ପିତାମ୍ବର ଦାଶ, ସୁବାସ ପାତ୍ର, ଚିତ୍ରା ପାତ୍ର, କର୍ଣ୍ଣେଲ୍ ଶରତ ମହାପାତ୍ର, ଅନିଲ୍ ପଟ୍ଟନାୟକ, ଅମୃତାଂଶୁ ପଟ୍ଟନାୟକ, ଶରତ ମିଶ୍ର, ଦୀପକ ଦାସ, ଶୋଭାକର ସାହୁ, ପ୍ରଣତୀ ମିଶ୍ର, ସତ୍ୟ ବାରିକ୍, ରାମପ୍ରସାଦ ପ୍ରଧାନ, ରମାକାନ୍ତ ମହାନ୍ତି, ଯଶୋଦାନନ୍ଦନ ଆଶ୍, ନିଖିଳ ଆଶ୍ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phaggun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଜଗଦିଶ ଚନ୍ଦ୍ର ନାୟକ ସରକାରି ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରିଡ଼ା ପ୍ରତିଯୋଗିତା ଉଦଘାଟିତ

ଜୟପୁର, (ପି.ଏନ): ଜଗଦିଶ ଚନ୍ଦ୍ର ନାୟକ ସରକାରି ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ବାର୍ଷିକ କ୍ରିଡା ପ୍ରତିଯୋଗିତା ଉଦଘାଟିତ ହୋଇଛି । ଏହି ପ୍ରତିଯୋଗିତାକୁ ସରକାରି ବାଳିକା ପୌର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୟାନିଧି ବିହାରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତକା ଉତୋଳନ କରି ଉଦଘାଟନ କରିଥିଲେ । ବିଦ୍ୟାଳୟର ଛାତ୍ର ମାନଙ୍କ ଦ୍ୱାରା ଅଧିଷ୍ଠାତ୍ରୀ ମା ଭଗବତିଙ୍କ ମନ୍ଦିରରୁ ମଶାଲକୁ ବିଦ୍ୟାଳୟର କ୍ରିଡା ଖେଳ ପଡିଆକୁ ଆଣାଯାଇଥିଲା । ଏହି ମଶାଲକୁ ମୁଖ୍ୟ ଅତିଥି ବିହାରି ଛାତ୍ରଙ୍କ ଠାରୁ ଗ୍ରହଣ କରି ଉଦ୍ଦିଷ୍ଟ ସ୍ଥାନରେ ସ୍ଥାପନ କରିଥିଲେ । ପରେ ଛାତ୍ର ମାନଙ୍କ ଦ୍ୱାରା ପ୍ୟାରେଡ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନଶିକ୍ଷକ ଉପେନ୍ଦ୍ର ଦୀପ ଏହି ଉଦଘାଟନି ଉତ୍ସବରେ ଅଧକ୍ଷତା କରିଥିଲେ । ପୂର୍ବତନ ପ୍ରଧାନଶିକ୍ଷକ ଶ୍ରୀମାଦ୍ରି ଅପ୍ପନା, ତ୍ରିନାଥ ପଟ୍ଟନାୟକ, ମହମ୍ମଦ ସରିଫ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶାରିରିକ ଶିକ୍ଷା ଶିକ୍ଷକ ବାସୁଦେବ ସେନାପତି ସ୍ୱାଗତ ଅଭିଭାଷଣ ଉପସ୍ଥାପନା କରିବା ସହ ଚଳିତ ବର୍ଷ ଏହି ସପ୍ତାହରେ ଓଡିଶାର ପ୍ରତ୍ୟେକ ବିଦ୍ୟାଳୟରେ କ୍ରିଡା ଉତ୍ସବ ମାନ ଆୟୋଜନ କରି ପୁରୁଷ ବିଶ୍ୱ ହକି ପ୍ରତିଯୋଗିତାର ବାର୍ତା ଓ ହକିକୁ ଛାତ୍ର, ଅବିଭାବକ ଓ ସାଧାରଣ ଜନତାଙ୍କ ମଧ୍ୟରେ ଲୋକପ୍ରିୟତା କରିବା ବିଷୟରେ ଆଲୋକପାତ କରିଥିଲେ । ବିଦ୍ୟାଳୟରେ ଦୌଡ, କୁଦ, ଭଲିବଲ, କବାଡି, ଖୋ ଖୋ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହାକୁ ବିଦ୍ୟାଳୟ ଶିକ୍ଷୟତ୍ରୀ ଏ. ସ୍ୱେତା, ମାଧୁରି ମଧୁମିତା, ସୁଧାରାଣି ଭୁବତି, ମିନତି ପାତ୍ର, ମଞ୍ଜୁଳା ପାଣିଗ୍ରାହୀ, ଶିକ୍ଷକ କମଳଲୋଚନ ଶିସା, ବ୍ଲକ କ୍ରିଡା ସମ୍ପାଦକ ଶୁଭେନ୍ଦୁ ପ୍ରଧାନ, ଶାରିରିକି ଶିକ୍ଷା ଶିକ୍ଷକ ବାସୁଦେବ ସେନାପତିଙ୍କ ନେତୃତ୍ୱରେ ଖେଳ ପରିଚାଳନା କରାଯାଇଥିଲା ।

# ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

ଜୟପୁର, (ପି.ଏନ): ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର କ୍ରୀଡ଼ା ପ୍ରାଙ୍ଗଣରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୁରୁଣାଗଡସ୍ଥିତ ହନୁମାନ ମନ୍ଦିରରୁ କ୍ରୀଡାବିତ୍ ଗଣ କ୍ରୀଡ଼ା ମଶାଲ ଆଣିବାପରେ ପ୍ରଧାନ ଶିକ୍ଷକ ସିମାଚଂଳ ମିଶ୍ର କ୍ରୀଡ଼ା ପତାକା ଉତୋଳନ କରି ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । କ୍ରୀଡ଼ା ଶିକ୍ଷକ ନରେଶ କୁମାର ଷଡଙ୍ଗୀ, ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା, ବିଶ୍ୱରଂଜନ ଗୌଡ଼ ଛାତ୍ର ଛାତ୍ରୀ ମାନଙ୍କୁ କ୍ରୀଡାର ଉପାଦେୟତା ବିଷୟରେ ଆଲୋକପାତ କରିବା ସହ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିଥଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ କ୍ରୀଡାର ନୀତିନିୟମ ମାନି କ୍ରୀଡା ପ୍ରଦର୍ଶନ କରିବା ପାଇଁ ଶପଥ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଭାତ କୁମାର ରଥ, ଏନ୍. ପଦ୍ମାବତୀ, ସୋମନାଥ ସାକିଆ, ହିତକର ଚରତି, କଲ୍ୟାଣୀ ନାୟକ, ଶୁଭସ୍ମିତା ସାହୁ, ରଶ୍ମିତା ନାହାକ, ସନ୍ତୋଷିନୀ ପଣ୍ଡା, ସୁଚରିତା ପଟ୍ଟନାୟକ, ପପିତା ପ୍ରଧାନ, ବନିତା ପଣ୍ଡା, ବନିତା ଶତପଥୀ, ସାଗରିକା ପାତ୍ର, କାଳିପ୍ରସାଦ ମିଶ୍ର, ପ୍ରଭାକର ମହାରଣା, ରଜନୀ କାନ୍ତ ଘଡ଼େଇ, ଏ. ମୁରଲୀ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ପ୍ରମିଳା କୋମ୍ପୋଜୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କ୍ରୀଡା ପ୍ରତିଯୋଗିତା ଦୁଇଦିନ ଧରି ଚାଲୁରହିବ ବୋଲି କ୍ରୀଡ଼ା ଶିକ୍ଷକ ନରେଶ କୁମାର ଷଡଙ୍ଗୀ ଘୋଷଣା କରିଥିଲେ । ଓଡ଼ିଶା ସରକାରଙ୍କ ତରଫରୁ ବିଶ୍ୱକପ୍ ହକି ଖେଳର ପ୍ରଚାର ପ୍ରସାର ପାଇଁ ଏହି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ।

# ବୋନସ ଦାବି ନେଇ ଠିକା ଶ୍ରମିକମାନେ ବିଚାକୁଣ୍ଡି ଟାଟା ଷ୍ଟିଲ କାର୍ଯ୍ୟାଳୟ ଘେରାଉ

ଯୋଡା,(ପିଏନ)- ବର୍ଦ୍ଧିତ ହାରରେ ବୋନସ ଦାବି କରି ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ଟାଟା ଷ୍ଟିଲ୍ ଫେରୋ ଆଲଏଜ ମାଙ୍ଗାନିଜ ଡିଭିଜନ ପରିଚାଳନାଧିନ ବିଚାକୁଣ୍ଡି ଓ ଖଣ୍ଡବନ୍ଧ ମାଙ୍ଗାନିଜ ଖଣିରେ ଅନୁବନ୍ଧିତ କରୋନେସନ ଇଣ୍ଡିଆ ପ୍ରାଇଭେଟ୍ ଲିଃ (ସିଆଇପିଏଲ) ନାମକ ଜୈନିକ ଖଣି ଠିକା ସଂସ୍ଥାରେ କାମ କରୁଥିବା ଶତାଧିକ ଠିକା ଶ୍ରମିକ ଗତକାଲି ଠାରୁ ବିଚାକୁଣ୍ଡି ମାଙ୍ଗାନିଜ ଖଣିର ଟାଟା ଷ୍ଟିଲ କାର୍ଯ୍ୟାଳୟକୁ ଘେରାଉ କରିଥିବାର ଖବର ମିଳିଛି । ଶାନ୍ତି ଶୃଙ୍ଖଳା ନିମନ୍ତେ ଯୋଡା ପୁଲିସ ଘଟଣା ସ୍ଥଳରେ ନିୟୋଜିତ ରହିଥିବାର ସୂଚନାରୁ ପ୍ରକାଶ । ଅନ୍ୟପକ୍ଷେ ସମାନ କାରଣରୁ ସିଆଇପିଏଲ ଅଧିନରେ ଖଣ୍ଡବନ୍ଧ ମାଙ୍ଗାନିଜ ଖଣିରେ କାର୍ଯ୍ୟରତ ଶତାଧିକ ଠିକା ଶ୍ରମିକ ଗତ ୮ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ଥିବାର ଖବର ମିଳିଛି । ନିୟମ ମୁତାବକ ସିଆଇପିଏଲ ଉଭୟ ଖଣି ନିମନ୍ତେ ୮.୩୩ ଶତକଡା ବୋନସ ଘୋଷଣା ପରେ ଠିକା ଶ୍ରମିକଙ୍କ ପକ୍ଷରୁ ଅଧିକ ବୋନସ ଦାବିରେ ଏଭଳି ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିବାର ଖବର ମିଳିଛି । ତେବେ ୨୦୧୯ ରେ ବିଚାକୁଣ୍ଡି ଖଣି ଠିକା ଶ୍ରମିକ ୧୨ ଶତକଡାରୁ ଉର୍ଦ୍ଧ୍ୱ ରାଶି ପୂଜା ବୋନସ ଆକାରରେ ପାଇଥିବା



ବେଳେ ୨୦୨୦ ଚଳିତ ବର୍ଷ ମହାମାରୀ କରୋନାକୁ ନେଇ ଆର୍ଥିକ ସ୍ଥିତି ଉଜାଡି ଯାଇଥିବା ହେତୁ କମ୍ପାନୀ କ୍ଷତି ସହୁଥିବାରୁ ବନୋସ ହାର ୮.୩୩ ଶତକଡା ଘୋଷଣା କରିଥିଲେ । ଏହାର ବିରୋଧ କରି ଶ୍ରମିକ ମାନେ ଟାଟା ଷ୍ଟିଲ ଅଫିସ ଘେରାଉ କରିବା ପରେ ଉକ୍ତ ଠିକାଦାର ୧୦.୫ ଶତକଡା ବଢାଇଥିଲେ ମଧ ଖଣ୍ଡବନ୍ଧ ଖଣି ଠିକା ଶ୍ରମିକ ୧୫ ଶତକଡା ପୂଜା ବୋନସ ପାଇଁ ଜିଦରେ ଅଟଳ ରହିଥିଲେ । ଏଠାରେ ଉଲ୍ଲେଖ ଯୋଗ୍ୟ, ୨୦୧୮ ଅଗଷ୍ଟ ମାସରୁ ସିଆଇପିଏଲ ସଂସ୍ଥା ସମ୍ପୃକ୍ତ ଖଣି ଦ୍ୱୟରେ ମାଙ୍ଗାନିଜ ଖନନ, ଉତ୍ତୋଳନ, ପରିବହନ ଓ ପ୍ରକ୍ରିୟାକରଣ ନିମନ୍ତେ ନିୟୋଜିତ ହୋଇ ସେପ୍ଟେମ୍ବର ମାସରୁ କାର୍ଯ୍ୟ ଆରମ୍ଭ କରିଥିଲେ । ଅପରପକ୍ଷେ ପ୍ରନ୍ସିପାଲ ଏମ୍ପ୍ଲୟର ଟାଟା ଫେରୋ ଆଲଏଜ ମାଙ୍ଗାନିଜ ଡିଭିଜନ ସହ ଚୁକ୍ତିନାମା ମୁତାବକ ଓ ନିୟମ ଅନୁଯାୟୀ ବିଗତ ଆର୍ଥିକ ବର୍ଷର ସେପ୍ଟେମ୍ବର ରୁ ମାର୍ଚ୍ଚ ସାତ ମାସ ନିମନ୍ତେ ୧୦.୫ ଶତକଡା ବୋନସ ଧାର୍ଯ୍ୟ ଘଟଣାକୁ ନ୍ୟାଯ୍ୟ ବୋଲି କହିବା ସହ କମ୍ପାନୀର ଅନ୍ୟ ଭେଣ୍ଡର ସମୂହ ସମାନ ବୋନସ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିବାର ସିଆଇପିଏଲ ପକ୍ଷରୁ ଏହାର ମହାପ୍ରବନ୍ଧକ ଅନୁଭବ ଦତ୍ତ ନିଜ ଜିଦରେ ଅଟଳ ଥିବାର ଖବର ମିଳିଛି । ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ଖଣି ଠିକା ସଂସ୍ଥା ଓ ଠିକା ଶ୍ରମିକଙ୍କ ମଧ୍ୟରେ କୌଣସି ପ୍ରକାର ସହମତି ପ୍ରକାଶ ପାଇନଥିବାରୁ ଘଟଣା ସ୍ଥଳରେ ଚପା ଉତ୍ତେଜନା ଲାଗି ରହିଥିବା ସହ ଦାବି ପୂରଣ ନ ହେଲେ ଗତକାଲି ଠାରୁ ଖଡବନ୍ଧ ଖଣିକୁ ଶ୍ରମିକମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ଚେତାବୀ ଦେଇଥିବା ଖବର ମିଳିଛି ।

# ନୀଳକଣ୍ଠପୁରରେ ନର୍ସରୀ ମାଲିକ ଙ୍କୁ ବିଭତ୍ସ ହତ୍ୟା

ଭୁବନ, (ପି.ଏନ): ଭୁବନ ଥାନା ଅନ୍ତର୍ଗତ ନୀଳକଣ୍ଠପୁର ସାଇ ନର୍ସରୀ ମାଲିକ ଅଲେଖ ସେନାପତି ଙ୍କୁ ଗତକାଲି ରାତି କେତେଜଣ ଦୁର୍ବୃତ ଧାରୁଆ ଅସ୍ତ୍ରରେ ଅତ୍ୟନ୍ତ ବିଭତ୍ସ ଭାବେ ହତ୍ୟାକରି ଫେରାର ହୋଇଯାଇଥିଲେ । ଏହି ଘଟଣାକୁ ନେଇ ଅଭିଯୁକ୍ତ ଆସାମୀ ମାନଙ୍କୁ ତୁରନ୍ତ ଗିରଫ କରିବା ଓ କ୍ଷତିପୂରଣ ଦାବିରେ ଆଜି ସକାଳ ୮ ଘଟିକା ସମୟରେ ଭୁବନ - ଢେଙ୍କାନାଳ ମୁଖ୍ୟ ରାସ୍ତାକୁ ନୀଳକଣ୍ଠପୁର ଛକରେ ଆନ୍ଦୋଳନକାରୀ ମାନେ ପଥର ପକାଇ , ଟାୟାର ଜାଳି ରାସ୍ତାରୋକ କରିଥିଲେ । ପ୍ରାପ୍ତ ଖବରରୁ ପ୍ରକାଶ ଯେ , ଢେଙ୍କାନାଳ ଜିଲ୍ଲା ଗଁନ୍ଦିଆ ଥାନା ଅନ୍ତର୍ଗତ ଚିତଲପୁର ଗ୍ରାମର ଅକ୍ଷୟ ସେନାପତି ଙ୍କ ପୁଅ ଅଲେଖ ସେନାପତି (୪୨) ଦୀର୍ଘ ୫ ବର୍ଷ ହେଲା ନୀଳକଣ୍ଠପୁର ଛକରେ ଭୁବନ ର ବାଳକୃଷ୍ଣ ସାହୁ ନାମକ ଜନୈକ ପୂର୍ବତନ ସୈନିକ ଙ୍କ ସାଇ ନର୍ସରୀ କୁ ଲିଜ ସୂତ୍ରରେ ନେଇ ଚଳାଉଥିଲେ । ଗତକାଲି ସଂଧ୍ୟା ସାଢେ ୬ ଘଟିକା ସମୟରେ ଶ୍ରମିକ ମାନେ ଘରକୁ ଯିବା ପରେ କେତେକ ଦୁର୍ବୃତ ନର୍ସରୀ ମଧ୍ୟରେ ପଶି ନର୍ସରୀ ମାଲିକ ଅଲେଖ ସେନାପତି ଙ୍କୁ ଧାରୁଆ ଅସ୍ତ୍ରରେ ଅତି ବିଭତ୍ସ ଭାବେ ହତ୍ୟାକରି ଫେରାର ହୋଇଯାଇଥିଲେ । ଘରକୁ ଫେରିବା ବିଳମ୍ବ ହେବାରୁ ଅଲେଖ ଙ୍କ ପତ୍ନୀ ତାଙ୍କ ମୋବାଇଲକୁ ବାରମ୍ବାର ଫୋନ କରିଥିଲେ ସୁଦ୍ଧା କିଛି ଉତର ମିଳିନଥିଲା । ପରେ ଅଲେଖ ଙ୍କ ପତ୍ନୀ ତାଙ୍କ ଦିଅର ଚକ୍ରଧର କୁ ଫୋନ କରି ତାଙ୍କ ଭାଇ ଏଯାଏଁ ଫେରିନଥିବା ସଂପର୍କରେ ଜଣାଇବାରୁ ଚକ୍ରଧର ମଧ ବାରମ୍ବାର ଫୋନ କରିଥିଲେ । କୌଣସି ଉତର ନମିଳିବାରୁ ଚକ୍ରଧର ନର୍ସରୀ ରେ ପହଁଚି ତାଙ୍କ ଭାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ । ଚିକିତ୍ସା ନିମନ୍ତେ ସେ ସଙ୍ଗେସଙ୍ଗେ ଭୁବନ ଡାକ୍ତରଖାନାକୁ ଆଣିଥିଲେ କିନ୍ତୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ସଂପର୍କରେ ଖବର ପାଇ ଭୁବନ ଥାନା ଆଇ ଆଇ ସି ସୌଭାଗ୍ୟ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଁଚି ତଦନ୍ତ ଆରମ୍ଭ କରିଥିଲେ । ଅଲେଖ ଙ୍କ ଭାଇ ଚକ୍ରଧର ଙ୍କ ଏତଲା ଆଧାରରେ ଭୁବନ ପୋଲିସ କେଶ ନଂ-୫୧୩/୨୦୨୨ ଦଫା ୩୦୨ ରେ ମାମଲା ରୁଜ୍ଜୁ କରିଛି । ଆଜି ସକାଳେ କାମାକ୍ଷାନଗର ଏସଡିପିଓ ରଂଜନ କୁମାର ଦେ , ଢେଙ୍କାନାଳ ସାଇଣ୍ଟିଫିକ ଟିମ୍ , ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଁଚି ତଦନ୍ତ କରିବା ସହ ନମୁନା ସଂଗ୍ରହ କରି ଫେରିଯାଇଥିବା ବେଳେ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ପୋଲିସ ମୃତଦେହ ହସ୍ତାନ୍ତର କରିଛି । ଅଭିଯୁକ୍ତଙ୍କୁ ଗିରଫ ଓ କ୍ଷତିପୂରଣ ଦାବିରେ ଆଜି ସକାଳ ୮ ଘଟିକା ରୁ ଦିବା ୧୧ ଘଟିକା ପର୍ଯ୍ୟନ୍ତ ନୀଳକଣ୍ଠପୁର ଛକରେ ଭୁବନ-ଢେଙ୍କାନାଳ ରାସ୍ତା ଅବରୋଧ କରାଯାଇଥିଲା । ଖୁବଶୀଘ୍ର ଆସାମୀ ଧରାପଡିବେ ବୋଲି ପ୍ରତିଶୃତି ପରେ ରାସ୍ତାରୋକ ହଟିଥିଲା । ମୃତ ଅଲେଖ ଜଣେ ଅତ୍ୟନ୍ତ ଶାନ୍ତ ସରଳ ଭଦ୍ର ବ୍ୟକ୍ତି ଥିଲେ । ତାଙ୍କର କାହା ସହିତ ଶତ୍ରୁତା ନଥିଲା । କିଏ , କାହିଁକି ତାଙ୍କୁ ଏଭଳି ହତ୍ୟା କଲା ବୋଲି ଭୁବନ ଅଂଚଳରେ ଚର୍ଚ୍ଚା ଓ ଆଲୋଚନା ହେଉଛି ।

# ହକି ବିଶ୍ୱକପ ଟ୍ରଫି କୁ ସ୍ୱାଗତ ପାଇଁ ପ୍ରସ୍ତୁତି ବୈଠକ

ପୁରୀ (ପି.ଏନ): ଓଡ଼ିଶା ଆୟୋଜନ କରୁଛି ୨୦୨୩ ପୁରୁଷ ହକି ବିଶ୍ୱକପ । ଜାନୁଆରୀ ୧୩ ରୁ ୨୯ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ । ୧୬ ଟି ଦେଶର ପ୍ରତିଯୋଗୀ ଏହି ବିଶ୍ୱକପରେ ଅଂଶଗ୍ରହଣ କରିବେ । ହକିକୁ ଅଧିକ ଲୋକାଭିମୁଖୀ ତଥା ପ୍ରଚାର ପ୍ରସାର କରିବା ଲକ୍ଷ୍ୟରେ ଏହି ବିଶ୍ୱକପ ଟ୍ରଫି ସମଗ୍ର ରାଜ୍ୟ ପରିକ୍ରମା କରିବ । ପୁରୀ ଜିଲ୍ଲା କୁ ଚଳିତ ମାସ ୨୫ ତାରିଖ ସଂଧ୍ୟାରେ ଏହା ପହଂଚିବାର କାର୍ଯ୍ୟସୂଚୀ ରହିଛି । ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ସମର୍ଥ ବର୍ମା ଙ୍କ ଅଧ୍ୟକ୍ଷତାରେ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା । କୌଣସି ଦେଶ ହକି ବିଶ୍ୱକପ ଭଳି ଏକ ମର୍ଯ୍ୟାଦା ଜନକ ଖେଳକୁ ବାରମ୍ବାର ଆୟୋଜନ ର ସୁଯୋଗ ନ ଥାଏ । ତେଣୁ ଏହି ଟ୍ରଫି କୁ ଭବ୍ୟ ସ୍ୱାଗତ ସହ ଯେପରି ଏହା ସ୍ମରଣୀୟ ହୋଇ ରହିବ ସେଥିପାଇଁ ସମସ୍ତେ ପ୍ରୟାସ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ୨୬ ତାରିଖ ପ୍ରତ୍ୟୁଷରୁ ଦିଗବାରେଣୀ ବେଳାଭୂମି ରେ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଟ୍ରଫି କୁ ସ୍ୱାଗତ ଓ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବ ବୋଲି କହିଥିଲେ । ଏଥିରେ ଜୁମ୍ବୋ ଡ୍ୟାନ୍ସ, ମାଲଖମ୍ବ, ବେଳାଭୂମି ମିନି ମାରାଥନ, ସଂଗୀତ ପରିବେଷଣ, ଘୋଡାନାଚ ,ସିଗନେଚର କ୍ୟାମ୍ପେନ ଇତ୍ୟାଦି ବ୍ୟବସ୍ଥା କରାଯାଇଛି ବୋଲି କହିଥିଲେ । ଏହା ପରେ ଟ୍ରଫି କୁ ବ୍ଲୁ ଫ୍ଲାଗ ବିଚକୁ ନିଆଯିବ ଓ ସେଠାରେ ଫଟୋ ସୁଟ କରାଯିବ । ପରେ ପରେ ସିଂହଦ୍ୱାରରେ ପ୍ରଭୁ ଙ୍କ ଆଶୀର୍ବାଦ ପରେ ଟ୍ରଫି କୁ ପ୍ରଦର୍ଶନ କରାଯିବ । ଅପରାହ୍ନ ରେ ଶ୍ରୀ ଜଗନ୍ନାଥ ଷ୍ଟାଡିୟମ ରେ ଫଟୋ ସୁଟ ପରେ ବିଶ୍ୱକପ ଟ୍ରଫି କୋଣାର୍କ ଇକୋ ରିଟ୍ରିଟ୍ ଓ କୋଣାର୍କ ମନ୍ଦିର ରେ ସ୍ୱାଗତ, ପ୍ରଦର୍ଶନ ଓ ଫଟୋ ସୁଟ ପରେ ଖୋର୍ଦ୍ଧା ଜିଲ୍ଲା ଅଭିମୁଖେ ଯାତ୍ରା କରିବ ବୋଲି କ୍ରିଡା ଅଧିକାରୀ ଶ୍ରୀ ଚନ୍ଦନ ସାହୁ ସୂଚନା ଦେଇଥିଲେ । ଏହାକୁ ଆକର୍ଷଣୀୟ ଓ ଲୋକ ମାନଙ୍କୁ ଏଥିରେ ଯୋଡିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଦିଲ୍ଲୀପ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲ୍ଲାପାଳ ଭବତାରଣ ସାହୁ, ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅଜିତ କୁମାର ମହାପାତ୍ର, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଆରଟିଓ ରବିନ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ଆଥଲେଟିକ ଆସୋସିଏସନ ର ସମ୍ପାଦକ ରବି ଶଙ୍କର ପ୍ରତିହାରୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ଧନୁ ସଂକ୍ରାନ୍ତି ଓ ପହିଲି ଭୋଗ

ପୁରୀ, (ପି.ଏନ): ପୌଷ ମାସର ଶୀତ ଦିନରେ ଧନୁ ସଂକ୍ରାନ୍ତିର ଅବସରରେ ଧନୁ ମୁଆଁର ଆଦର ଓଡ଼ିଆଙ୍କ ଘରେ ଘରେ ରହିଥାଏ । କେବଳ ଗୁଡ଼ିଆ ଘର ପ୍ରସ୍ତୁତ ଖଇ ଓ ଗୁଡ଼ର ଧନୁ ମୁଆଁ ନୁହେଁ ଆଜିକାଲି ଗୁଡ଼ ବା ଚିନି ପ୍ରସ୍ତୁତ ଧନୁ ମୁଆଁ ସମସ୍ତଙ୍କର ପସନ୍ଦ । ଧନୁ ସଂକ୍ରାନ୍ତିର ପବିତ୍ର ଅବସରରେ ଓଡ଼ିଆ ଚଳଣୀର ଘରେ ଘରେ ବେଶ ଆଦର ଥିବା ମୁଆଁର ଶ୍ରଦ୍ଧା ବେଶ୍ ନିଆରା । କୃଷିଭିତିକ ଉତ୍କଳୀୟ ସଭ୍ୟତାରେ ପର୍ବପର୍ବାଣୀର ସ୍ଥାନ ସ୍ୱତନ୍ତ୍ର । ମାର୍ଗଶୀର ମାସରେ ଲକ୍ଷ୍ମୀପୂଜା ବା ମାଣବସା ଅବସର ପରେ ପୌଷମାସର ଆରମ୍ଭରେ ଚାଷୀମାନେ ପରମ ଆନନ୍ଦରେ ମା'ଲକ୍ଷ୍ମୀ ଠାକୁରାଣୀଙ୍କୁ ଖଳାବାଡ଼ିରୁ ଆଦରକରି ଗୃହ ପ୍ରାଙ୍ଗଣକୁ ନେଇଥାନ୍ତି । ସଂଯୋଗବଶତଃ ଏହି ସମୟରେ ଆଖୁ ଅମଳ ମଧ୍ୟ ସରିଥାଏ । ତେଣୁ ସର୍କରାଯୁକ୍ତ ମିଶ୍ରିତ ପ୍ରସାଦରେ ତିଆରି ହୋଇଥିବା ମୁଆଁ ବା ଉଖୁଡ଼ା ଗୃହର ଆରାଧ୍ୟଦେବତା ଓ ଧନଲକ୍ଷ୍ମୀଙ୍କ ପାଖରେ ନୈବେଦ୍ୟ ଅର୍ପଣ କରାଯାଇଥାଏ । ଅମାବାସ୍ୟା ଓ ପୂର୍ଣ୍ଣିମାକୁ ଧରି ଚନ୍ଦ୍ରଙ୍କ କଳାର କ୍ଷୟ ବୃଦ୍ଧି ସହିତ ଚାନ୍ଦ୍ରମାନ ଓ ସଂକ୍ରାନ୍ତି କଳାରେ ଓ ସୌରମାନ ମାସ ଆମର ପଞ୍ଜିକାରେ ଅନ୍ତର୍ଭୁକ୍ତ । " "ଧନୁ ମାସ ହେଲା ହନୁ ନଚଳିଲା କହିବାକୁ ବଡ଼ ଲାଜ, ମୁଁ ଆଁ କରିଅଛି, ମୁଆଁ ଖାଇବାକୁ ଆଜ୍ଞା ହେଉ ମହାରାଜ ।" ଉତ୍କଳଘଂଟ ହାସ୍ୟରସିକ କବି ଯଦୁମଣିଙ୍କର ରାଜନଙ୍କୁ ଏ ଉକ୍ତି ସୂଚୀତ କରେ, ଧନୁ ବା ପୌଷ ମାସରେ ଧନୁ ମୁଆଁ ଖାଇବା ସତେ ଯେପରି ଏକ ବୈଧାନିକ ବ୍ୟବସ୍ଥା, ଏବଂ ତହିଁରେ ବ୍ୟତିକ୍ରମ ହେତୁ କବିଙ୍କର ଏ ଖେଦ । ପୁଷ ମାସରେ ଧାନ ଅମଳ ପରେ "ଉଖୁଡ଼ା' ବା "ମୁଆଁ'ର ପ୍ରସ୍ତୁତି ଓଡ଼ିଶୀ ଚଳଣିର ଏକ ବିଶେଷତ୍ୱ ଧନୁ ସଂକ୍ରାନ୍ତୀର ପ୍ରସିଦ୍ଧ ମୁଆଁ ଭୋଗ ପାଇଁ । ଏହି ଦିବସଠାରୁ ପୁରୀ ଶ୍ରୀମନ୍ଦିରେ ଶ୍ରୀ ଜଗନ୍ନାଥଙ୍କ ପହିଲି ଭୋଗ ଆରମ୍ଭ ହୋଇ ଉତରାୟଣ ସଂକ୍ରାନ୍ତି ବା ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ । କେବଳ ସେତିକି ନୁହେଁ, ପୌଷମାସର ଶୀତ ପ୍ରଭାତରେ ପ୍ରଭାତୀ ଧୂପ ଖେଚୁଡ଼ୀର ବ୍ୟବସ୍ଥା କେବଳ ଶ୍ରୀକ୍ଷେତ୍ରସ୍ଥ ଶ୍ରୀମନ୍ଦିର କାହିଁକି, କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ବଳଦେବଜୀଉ ଓ ଅନ୍ୟାନ୍ୟ ଦେବମନ୍ଦିର ତଥା ମଠବାଡ଼ିମାନଙ୍କରେ ଖଞ୍ଜା ଯାଇଛି । ଜଗନ୍ନାଥ ତ ଆମ ଓଡ଼ିଶୀ ସଂସ୍କୃତିର ପ୍ରତୀକ । ସେ ବଡ଼ ଭୋଗଲାଳସୀ । ପ୍ରସାଦର ଉପଭୋଗକୁ ଆମେ "ଭୋଗ' କହିଥାଉଁ । ଏହି ଖାଦ୍ୟଦ୍ରବ୍ୟ ପ୍ରତି ଗୁରୁତ୍ୱ ଦେବା ମୂଳରେ ଉପନିଷଦର "ଅନ୍ନ ହିଁ ବ୍ରହ୍ମ' ବାଣୀ ଯେ ଉଦ୍ଘୋଷିତ ଏଥିରେ ସନ୍ଦେହ ନାହିଁ । କାରଣ ଭାଗବତରେ ଉକ୍ତି ହେଉଛି – " "ଅନ୍ନ ବିହୁନେ ହଂସ ହାନି, ଯୋଗ ସାଧିବୁ କାହା ଘେନି ।" ତେଣୁ " "ଅନ୍ନର ମୂଳେ ଏ ଜଗତ, ସର୍ବଦା ହୋଏ ଆତଯାତ" ଉକ୍ତି ପ୍ରଣିଧାନ ଯୋଗ୍ୟ ଏବଂ ଏତଦ୍ଦୃଷ୍ଟେ ଧନୁମୁଆଁର ଗୁରୁତ୍ୱ ବର୍ଷକ ମଧ୍ୟରେ ଧନୁସଂକ୍ରାନ୍ତିକୁ ହିଁ ସ୍ମରଣୀୟ କରି ରଖିଅଛି । କେବଳ ଧନୁ ସଂକ୍ରାନ୍ତି ଅବସରରେ ଯାହା ଲୋକ ରୀତିନୀତିର ପ୍ରଚଳିତ ଧନୁ ମୁଆଁ ସ୍ୱତନ୍ତ୍ର ରହିଥିଲେ ବି ମୁଆଁକୁ ପସନ୍ଦ କରୁନଥିବା ପିଲା ଠାରୁ ବୁଢ଼ାଙ୍କ ସଂଖ୍ୟା ଖୁବ୍ କ୍ୱଚିତ୍ ଥିବେ । ମୁଆଁ ତିଆରିରେ ନଡ଼ିଆ ସହ ଜୁଆଣୀ ରହୁଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଉପଯୋଗୀ । ଆଜି ପରିଣତ ବୟସରେ ବି କେବଳ ଧନୁ ମୁଆଁ ନୁହେଁ ମୁଢ଼ିରେ ପତଳା ମୁଗର ଦାନା ସହ ଗୁଡ଼ର ମୁଆଁ ବି ମୋର ଅତ୍ୟନ୍ତ ପ୍ରିୟ ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada




Bhubaneswar Sunday December 18, 2022 ଭୁବନେଶ୍ୱର ରବିବାର, ଡିସେମ୍ବର ୧୮,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ପିପିଏଲ୍ ଛକରେ ସଡକ ଦୁର୍ଘଟଣା-ହାଇଓା ମାଡି ଯାଇ ପୁଣି ଜଣଙ୍କର ମୃତ୍ୟୁ



ପାରାଦୀପ,(ପି.ଏନ):ପାରାଦୀପ ପିପିଏଲ୍ ପେଟ୍ରୋଲ୍ ପମ୍ପ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଜଣେ ମୋଟର ସାଇକେଲ୍ ଆରୋହୀଙ୍କର ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି କୁଜଙ୍ଗ ଥାନା ଅନ୍ତର୍ଗତ ବାଲିତୁଠର ବାବାଜୀ ଆଚାର୍ଯ୍ୟ (୫୫) । ବାବାଜୀ ଛତୁ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରନ୍ତି । ଶନିବାର ଦିନ ପୂର୍ବାହ୍ନରେ ବାବାଜୀ ଛତୁ ବେପାର ସାରି ନିଜ ଲୁନା ଓଡି-୨୧-ଡି-୬୩୪୯ ରେ ଘରକୁ ଫେରୁଥିବା ସମୟରେ ଓଡି-୨୯-ଜେ-୨୮୭୫ ନମ୍ବର ବିଶିଷ୍ଟ ହାଇଓା ଦୃତଗତିରେ ଆସି ବାବାଜୀଙ୍କ ଉପରେ ମାଡି ଯାଇଥିଲା । ବାବାଜୀ ହେଲମେଟ୍ ପିନ୍ଧି ଥିବା ସତ୍ତ୍ୱେ ହାଇଓା ତାଙ୍କ ମୁଣ୍ଡ ଉପରେ ଚଢି ଯିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ସ୍ଥାନୀୟ ଲୋକମାନେ ଦୁର୍ଘଟଣା ଘଟାଇଥିବା ଗାଡି ଓ ତାର ଚାଳକକୁ ଅଟକ ରଖି ପୋଲିସ୍ କୁ ଖବର ଦେଇଥିଲେ । ଖବର ପାଇ ପାରାଦୀପ ପୋଲିସ୍ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ଗାଡି ଓ ତା ଚାଳକକୁ ଥାନାକୁ ଆଣିଥିବା ଜଣାପଡିଛି । ଖାଲଖମାରେ ଭର୍ତୀ ଏହି ରାସ୍ତାକୁ ଜାତୀୟ ରାଜପଥ କର୍ତୃପକ୍ଷ ମରାମତି ନକରିବାରୁ, ଦୀର୍ଘ ଦିନ ଧରି ଲାଗି ରହିଥିବା ବିପର୍ଯ୍ୟସ୍ତ ଟ୍ରାଫିକ୍ ବ୍ୟବସ୍ଥା ଯୋଗୁଁ ବାରମ୍ବାର ଏଭଳି ଘଟଣାମାନ ଘଟୁଛି । ଏହି ସମସ୍ୟାର ସମାଧାନ ପାଇଁ ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ପ୍ରଶାସନକୁ ଅନୁରୋଧ କରିଥିଲେ ବି ପ୍ରଶାସନର ଏଦିଗରେ କୌଣସି ପଦକ୍ଷେପ ନେଉ ନଥିବାରୁ ସାଧାରଣରେ ବହୁତ ଅସନ୍ତୋଷ ସୃଷ୍ଟି ହେଉଛି ।

## କୋଦଳା ଏନଏସିରେ ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଯୋଜନା କାର୍ଯ୍ୟକ୍ରମ

ଗଞ୍ଜାମ, (ପି,ଏନ): ଗଞ୍ଜାମ ଜିଲ୍ଲା କୋଦଳା ଏନଏସି ପରିସରରେ ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସମୟରେ ଖାଦ୍ୟସାର ଅଭାବରୁ ଗରୀବ ଶ୍ରେଣୀର ଟିବି ରୋଗୀ ମାନେ ସମସ୍ୟାରେ ପଡୁଥିବାରୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ଅକ୍ଟୋବର ମାସରେ ଟିବି ରୋଗୀ ମାନଙ୍କୁ ଏହି ସୁଷମ ଖାଦ୍ୟ ବଂଟନ ଯୋଜନା ଆରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ବେଗୁନିଆପଡା ବ୍ଲକ ଓ କୋଦଳା ଏନଏସି ଅଂଚଳର ପଚାଶ ଜଣ ଟିବି ରୋଗୀଙ୍କୁ କୋଦଳା ଏନଏସି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ ନିଜସ୍ୱ ଅର୍ଥରେ ଭିଟାମିନ ଯୁକ୍ତ ଖାଦ୍ୟ ବଂଟନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଯକ୍ଷ୍ମା ମୁକ୍ତ ଭାରତ କରିବା ଦୌଡ଼ରେ ଆମେ ଏକ ଛୋଟିଆ ପ୍ରୟାସ କରିଛୁ ବୋଲି କହିଛନ୍ତି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ନାୟକ।ଏହି କାର୍ଯ୍ୟକ୍ରମରେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏସଟିଏସ ଗୀତାରାଣୀ ପାଢ଼ୀ ଉପସ୍ଥିତ ରହି ଟିବି ରୋଗୀ ମାନଙ୍କୁ ସଚେତନ କରାଇବା ସହ ଯେପରି ଆଗାମୀ ଦିନରେ ସାରା କୋଦଳା ଏନଏସି ଏବଂ ବେଗୁନିଆପଡା ଅଂଚଳ କିପରି ସମ୍ପୂର୍ଣ ଟିବି ମୁକ୍ତ ହେବ ସେ ନେଇ ନିଜର ମତ ରଖିଥିଲେ। ଟିବି ମୁକ୍ତ ଭାରତ ଗଠନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି କାର୍ଯ୍ୟକ୍ରମକୁ ଆଧାର କରି ଦେଶକୁ ଟିବି ମୁକ୍ତ କରିବା ପାଇଁ ଏହି ପ୍ରୟାସରେ ସମସ୍ତ ରୋଗୀ ମାନଙ୍କୁ ସୁଷମ ଖାଦ୍ୟ ବଂଟନ ସହ ସମସ୍ତେ ନିରୋଗୀ ରୁହନ୍ତୁ ବୋଲି କହିଥିଲେ କାଉନଶିଲର ମଧୁସୂଦନ ଜେନା।ଏହି କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ

## ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଶ୍ରମିକଙ୍କ ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଛି !




କେନ୍ଦ୍ରାପଡ଼ା, (ପି.ଏନ): ପୂର୍ବ ଓଡିଶା ନିର୍ମାଣ ଶ୍ରମିକ ସଙ୍ଘ ପକ୍ଷରୁ ସ୍ଥାନୀୟ ଗୌରୀଶଙ୍କର ହୋଟେଲ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ରାଜ୍ୟ ସଭାପତି ଚି□ରଞ୍ଜନ ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ଧଳ, ରାଜ୍ୟ ମହିଳା ସଭାନେତ୍ରୀ ପ୍ରମିଳା ସାମଲ, ଜିଲ୍ଲା ସଭାପତି ନିରଞ୍ଜନ ପରିଡା, ଜିଲ୍ଲା ଉପସଭାନେତ୍ରୀ ଝିଲି ଦାସ, କାର୍ଯ୍ୟନିର୍ବାହୀ ମୁଖ୍ୟ ମହେଶ୍ୱରେ ଗୋଛାୟତ, ମହାକାଳପଡା ବ୍ଲକ ସଭାପତି ରଘୁନାଥ ସେଠୀ, କାଞ୍ଚନବାଳା ସ୍ୱାଇଁ, ଶିବପ୍ରସାଦ ନାଥ, ଲତା ନାଥ, ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇ କେନ୍ଦ୍ରାପଡା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଭଳି ଏକ ସରକାରୀ କାର୍ଯ୍ୟାଳୟରୁ ବହୁ ସଂଖ୍ୟକ ସଂଗଠିତ ନିର୍ମାଣ ଶ୍ରମିକ କାର୍ଡ ଅନୁମୋଦନ କରାଯାଇଥିବା ନେଇ ଅଭିଯୋଗ କରାଯାଇଥିଲା। ଚଳିତବର୍ଷ ବିନା କୌଣସି ତଦନ୍ତରେ ବହୁ ସଂଖ୍ୟକ ଅଣ ସଂଗଠିତ କାର୍ଡର ଅନୁମୋଦନ କରାଯାଇଥିବା, ଅତ୍ୟଧିକ ମଦ୍ୟପାନ କରି ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ କର୍ମଚାରୀ ଓ କେତେକ ଅଧିକାରୀ ସାଧାରଣ ଜନତାଙ୍କୁ ନାହିଁ ନଥିବା ହଇରାଣ ହରକତ କରୁଥିବା, ପଞ୍ଜିକୃତ ନିର୍ମାଣ ଶ୍ରମିକର ୬୦ବର୍ଷ ଭିତରେ ମୃତ୍ୟୁ ହେଲେ ତାଙ୍କର ଉ□ରାଧିକାରୀଙ୍କୁ ସରକାରୀ ସହାୟତା ପ୍ରଦାନ କରାଯିବାକୁ ନିୟମ ଥିବା ବେଳେ ୬୨ବର୍ଷରେ ମୃତ୍ୟୁ ବରଣ କରିଥିବା ତିରୋନାଥ ରଣାଙ୍କ ସମ୍ପର୍କୀୟଙ୍କୁ ମୃତ୍ୟୁ ଜନିତ ସରକାରୀ ସହାୟତା ପ୍ରଦାନ କରାଯାଇଥିବା, ଅନ୍ୟଜଣେ ମୃତ ଶ୍ରମିକ ସୁରେନ୍ଦ୍ର ନାଥ ପରିଡାଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ଦର୍ଶାଇ ତାଙ୍କ ନୋମିନୀ ପୂର୍ଣ୍ଣଚନ୍ଦ୍ର ପରିଡାଙ୍କୁ ୪ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଥିବା ବେଳେ ପ୍ରଦାନ କରାଯାଇଥିବା ଠିକଣାରେ ସେଭଳି କୌଣସି ଲୋକ ନଥିବା ଅଭିଯୋଗ ହୋଇଛି। ବିଗତ ୨୦୨୨ଜୁନମାସରୁ ମୃତ୍ୟୁକାଳୀନ ସହାୟତା ୧୫୩ଜଣଙ୍କୁ ପ୍ରଦାନ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ କ୍ରୀୟାକର୍ମ ପାଇଁ ୫ହଜାର ଟଙ୍କା ଦିଆଯାଇନଥିବା ଅଭିଯୋଗ ହୋଇଛି। ଜାନକୀ ମଲିକଙ୍କ ମୃତ୍ୟୁ ବେଳକୁ ତାଙ୍କ ପରିଚୟ ପତ୍ରରେ ୫୮ ବର୍ଷ ବୟସ ଥିବା ବେଳେ ଆଧାର କାର୍ଡରେ ୬୩ବର୍ଷ ହୋଇଥିବାରୁ ତାଙ୍କ ନୋମିନୀଙ୍କୁ ମୃତ୍ୟୁ କାଳୀନ ସହାୟତା ପ୍ରଦାନ କରାଯିବ ନାହିଁ ବୋଲି ଶ୍ରମ କାର୍ଯ୍ୟାଳୟର ଡବ୍ଲୁ. ସି. ସଂଗ୍ରାମ ସାହୁ କହିଥିଲେ। କିନ୍ତୁ ମୃତକଙ୍କ ସ୍ୱାମୀ ୨୦ହଜାର ଟଙ୍କା ଉକ୍ତଚ ଦେବା ପରେ ତାଙ୍କ ସପକ୍ଷରେ ୨ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯେଉଁ ନିର୍ମାଣ ଶ୍ରମିକଙ୍କର ଲଗାତର ୩ବର୍ଷ ବାର୍ଷିକ ଦେୟ ରସିଦ ନଥିବ ଡବ୍ଲୁ. ସି. ସେମାନଙ୍କ ଠାରୁ ବର୍ଷ ପିଛା ୧୦ହଜାର ଟଙ୍କା ନେଇ ଜାଲ କମ୍ପ୍ୟୁଟର ରସିଦ ଦେଉଥିବା ଅଭିଯୋଗ କରିଥିଲେ। ସରକାରୀ ନିୟମାନୁସାରେ ମୃତ୍ୟୁକାଳୀନ ସହାୟତା ଘୋଷଣା କରିବା ପୂର୍ବରୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ନୋଟିସ ଲଗାଇବାର ନିୟମ ଥିବା ବେଳେ ସେସବୁ କରାନଯାଇ ମୃତ୍ୟୁକାଳୀନ ସହାୟତା ପାଇଁ ଫାଇଲ ପିଛା ୨୦ହଜାର ଟଙ୍କା ଉକ୍ତଚ ନିଆଯାଇ ବ୍ୟାପକ ହରିଲୁଟ କରାଯାଉଥିବା ଅଭିଯୋଗ ହୋଇଛି। ଶ୍ରମ କାର୍ଯ୍ୟାଳୟରେ ସଫ୍ଟ ଓ୍ୱାର ନଥିବା ବେଳେ ଶ୍ରମ କମିଶନର କିଛି ଦିନ ପାଇଁ ମୃତ୍ୟୁକାଳୀନ ସହାୟତା ପ୍ରଦାନ ନିମନ୍ତେ ସଫ୍ଟ ଓ୍ୱାର ଆଲଟମେ□ କରିଥିବା ବେଳେ ସେହି ସମୟରେ ବହୁ ପରିମାଣର ଉକ୍ତଚ ନିଆଯାଇ ବହୁ ସଂଖ୍ୟକ ସଂଗଠିତ ଶ୍ରମିକ କାର୍ଡ ଅନୁମୋଦନ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଗତ ୩.୦୨.୨୦୨୧ରିଖରେ ପତ୍ର ସଂଖ୍ୟା ୨୨୨ରେ ଡି.ଏଲ.ସି. ମହେଶ୍ୱର ନାୟକ ଶ୍ରମ କମିଶନରଙ୍କୁ ଜଣାଇଥିଲେ କି କେନ୍ଦ୍ରାପଡା ଜିଲ୍ଲାରେ ସର୍ବମୋଟ ଉପରେ ୬୫ଟି ୟୁନିଅନର ୩୧ହଜାର ୬୨୩ଟି ବ୍ୟାକଲଗ୍ ଫାଇଲ ଅଛି। ସେହି ବ୍ୟାକଲଗ ଫାଇଲ ମଧ୍ୟରୁ ୧୫ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କ ଆବେଦନପତ୍ରକୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଗୁପ୍ତ ଭାବେ ନଷ୍ଟ କରି ଦିଆଯାଇଥିବା ଅଭିଯୋଗ ହୋଇଛି। ଡି.ଏଲ. ସି. ଦର୍ଶାଇଥିବା ୬୫ଟି ଟ୍ରେଡ ୟୁନିଅନର ବ୍ୟାକଲଗ ଫାଇଲ ଗୁଡିକୁ ଉପେକ୍ଷା କରି ଏସ.ଓ.ଏସ.ବି. ନାମକ ଏକ ଟ୍ରେଡ ୟୁନିଅନର ଫାଇଲ ଗୁଡିକୁ ବହୁତ ଅର୍ଥ ଉକ୍ତଚ ନିଆଯାଇ କିପରି ଭାବେ ଅନୁମୋଦନ କରାଯାଇଛି ତାହାର ତଦନ୍ତ ସହ ଉପରୋକ୍ତ ସମସ୍ତ ଅଭିଯୋଗର ନିରପେକ୍ଷ ତଦନ୍ତ କରାଯିବାକୁ ସଙ୍ଘ ଦାବି କରିଛି।

## ରାସ୍ତା ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ

ପୁରୀ, (ପି.ଏନ) : ଏକ ରାସ୍ତା ଦୁର୍ଘଟଣାରେ ଅବକାରୀ ବିଭାଗରେ କାର୍ଯ୍ୟରତ କନଷ୍ଟେବଲ ପର୍ଶୁରାମ ମହାନ୍ତିଙ୍କ ବିଧବା ପତ୍ନୀ ସଞ୍ଜୁକ୍ତା ମହାନ୍ତିଙ୍କୁ ୨୧ ଲକ୍ଷ ୯୮ ହଜାର ୨୦ ଟଙ୍କା ପ୍ରଦାନ କରାଯାଇଛି ।ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ପରାମର୍ଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଆଜି ନିଜ କାର୍ଯ୍ୟାଳୟରେ ଏହି ସହାୟତା ଅର୍ଥ ଶ୍ରୀମତୀ ମହାନ୍ତିଙ୍କୁ ତାଙ୍କ ପୁତ୍ରଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ। ଏକ ଆମ୍ବୁଲାନ୍ସ ଦୁର୍ଘଟଣାରେ ପର୍ଶୁରାମଙ୍କର ତା ୧୧.୪.୨୦୦୪ ରେ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କୀତ ମାମଲାକୁ ବିଚାର କରି ବିଚାରାଳୟ ୨୦.୭.୨୦୧୨ ରେ କ୍ଷତିଗ୍ରସ୍ତଙ୍କ ନିକଟ ସମ୍ପର୍କୀୟଙ୍କୁ ୯ ଲକ୍ଷ ୭୭ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏ ସମ୍ପର୍କରେ ଆଇନ ପ୍ରକ୍ରିୟା ଚାଲିବା ପରେ ନ୍ୟାୟାଳୟଙ୍କ ଚୂଡାନ୍ତ ବିଚାର ଆଧାରରେ ଆଜି ପୂର୍ବ କ୍ଷତିପୂରଣ ଉପରେ ଶତକଡା ୭ ହାର ସୁଧରେ ମୋଟ୍ ୨୧ ଲକ୍ଷ ୯୮ ହଜାର ୨୦ ଟଙ୍କା ଶ୍ରୀମତୀ ମହାନ୍ତିଙ୍କୁ ପ୍ରଦାନ କରାଯାଇଛି। ଏହା ଏକ ବହୁ ପୁରୁଣା ମାମଲା ଥିଲା। ଜିଲ୍ଲାପାଳ ଶ୍ରୀ ବର୍ମା ବ୍ୟକ୍ତିଗତ ଭାବେ ବିଭିନ୍ନ ବିଭାଗ ସହ ଯୋଗାଯୋଗ କରି ଏହାର କ୍ଷତିପୂରଣ ରାଶି ଯେପରି ଶିଘ୍ର ପ୍ରଦାନ କରାଯାଇ ପାରିବ ସେଥିପାଇଁ ପଦକ୍ଷେପ ନେଇଥିଲେ। ଜିଲ୍ଲାପାଳଙ୍କ ଉଦ୍ୟମ ଓ ପ୍ରଶାସନ ସହଯୋଗରେ ଏହି ଅର୍ଥ ପାଇଥିବାରୁ ଶ୍ରୀମତୀ ମହାନ୍ତି ଖୁସିବ୍ୟକ୍ତ କରିବା ସହ ବିଚାରାଳୟ, ଜିଲ୍ଲାପାଳ ଓ ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ।

## ନୀଳାଦ୍ରି ବିହାରରେ ଡ୍ରୋନ୍ ଦ୍ୱାରା ମଶା ମରା ଅଭିଯାନ ଆରମ୍ଭ




ଭୁବନେଶ୍ୱର,(ପି.ଏନ): ରାଜଧାନୀରେ ଉତ୍ପାତ କରୁଛନ୍ତି ମଶା। ଦିନ କି ରାତି ବସାଇ ଉଠାଇ ଦେଉ ନାହାନ୍ତି। ଗୋଡେଇ ଗୋଡେଇ କାମୁଡୁ ଛନ୍ତି କିଛି ମାନୁ ନାହାଁନ୍ତି। ଅତିଷ୍ଠ ହୋଇ ପଡିଲେଣି ଲୋକ। ବାରମ୍ବାର ବିଏମସି ନିକଟରେ ଅଭିଯୋଗ କରି ଆସୁଛନ୍ତି। ବିଏମସି ପକ୍ଷରୁ ମଶା ମାରିବା ପାଇଁ ମଶା ଧୂଆଁ ଓ ତରଳ ରସାୟନିକ ପଦାର୍ଥ ଛି□ନ କରା ଯାଉଥିଲେ ମଧ୍ୟ ମଶା ବଂଶ ଏତେ ବଢି ଯାଇଛି ଯେ ତାହା କାମ କରୁନାହିଁ। ବିଏମସି ପକ୍ଷରୁ ମଶା ବଂଶ ନିପାତ କରିବା ପାଇଁ ଏକ ଘରୋଇ କମ୍ପାନୀ ସହିତ ଚୁକ୍ତିନାମା କରାଯାଇ ଡ୍ରୋନ୍ ଅଣା ଯାଇଛି। ଏହି ଡ୍ରୋନ୍ ମଶା ଉତ୍ପତି ସ୍ଥଳ ଖୋଜି ଖୋଜି ମଶା ମାରିବା ସହିତ ମଶା ବଂଶ ନିପାତ କରିବ। ଆଜି ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଉ□ର ଜୋନ୍ ଅର୍ନ୍ତଗତ ୧୪ ନମ୍ବର ଓ୍ୱାର୍ଡର ନୀଳାଦ୍ରି ବିହାର ସେକ୍ଟର ୩ ଓ୍ୱାର୍ଡ କାର୍ଯ୍ୟାଳୟ ଠାରେ ଡ୍ରୋନ୍ ଦ୍ୱାରା ମଶା ମରା ଅଭିଯାନ ଆରମ୍ଭ କରାଯାଇଛି। ଏଥିପାଇଁ ବ୍ୟବହୃତ ହେଉଥିବା ଦୁଇଟି ଡ୍ରୋନ୍ ମଧ୍ୟରୁ ଛୋଟ ଡ୍ରେନ୍ଟି ଉଡାଣ କରି ନୀଳାଦ୍ରି ବିହାରର ସେକ୍ଟର ତିନି, ଚାରି, ପା□, ଜିଏ ପ୍ଲଟ, ଲୁମ୍ବିନୀ ବିହାର ଓ ୧୦ ଟି ବସ୍ତି ଅ□ଳରେ ରହିଥିବା ମଶା ଉତ୍ପତି ସ୍ଥଳ ଚିହ୍ନଟ କରିବା ସହିତ ସ୍ଥିର ଚିତ୍ର ଉ□ୋଳନ କରିଥିଲା। ଆସନ୍ତା କାଲି ବଡ ଡ୍ରୋନ୍ ଦ୍ୱାରା ମଶା ମରା ରାସାୟନିକ ତରଳ ପଦାର୍ଥ ଛି□ନ କରାଯିବାର ଯୋଜନା ରହିଛି। ଏହି ଡ୍ରୋନ୍ ଟିରେ ୧୦ ଲିଟର କ୍ଷମତା ବିଶିଷ୍ଟ ଏକ ଟାଙ୍କି ରହିଛି। ଯେଉଁଥିରେ ରସାୟନିକ ତରଳ ପଦାର୍ଥ ଭ□ି କରାଯାଇ ଡେଣା ମାଧ୍ୟମରେ ଛି□ନ କରାଯିବ ବୋଲି ସଂସ୍ଥା ତରଫରୁ ଅସିଥିବା ଅଧିକାରୀ କହିଛନ୍ତି। ଅଜିର ଏହି କାର୍ଯ୍ୟକ୍ରମରେ ୧୪ ନମ୍ବର ଓ୍ୱାର୍ଡର କର୍ପୋରେଟର ମୋନାଲିସା ସାହୁ, ଅତିରିକ୍ତ କମିଶନର ଲକ୍ଷୀକାନ୍ତ ସେଠୀ, ଡେପୁଟି କମିଶନର ପୁରନ୍ଦର ନନ୍ଦ , ସହକାରୀ କମିଶନର ପଲ୍ଲବୀ ବେହେରା, ସିଟି ସ୍ୱାସ୍ଥ୍ୟ ଅଧିକାରୀ ଦୀପକ ବିଶୋଇ, ସ୍ୱାସ୍ଥ୍ୟ ଅଧିକାରୀ ଅର୍ନ୍ତଯାମୀ ମିଶ୍ର, ଓ୍ୱାର୍ଡ ଅଧିକାରୀ ସୁଜିତ କୁମାର ସ୍ୱାଇଁ ଓ ଯୁବନେତା ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


# ADMISSION OPEN

## MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM




MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


## ମଶା ଉତ୍ପାତରୁ କେବେ ମିଳିବ ମୁକ୍ତି ?

ଭୁବନେଶ୍ୱର,(ପି.ଏନ):ରାଜଧାନୀବାସୀଙ୍କ ପୀଡ଼ା ବଢ଼ି ବଢ଼ି ଚାଲିଛି। କେତେବେଳେ ପକୃତି ଦାଉ ସାଧୁଛି ତ କେତେବେଳେ କିଟ ପତଙ୍ଗ। ବର୍ଷା ଋତୁରେ ଭୁବନେଶ୍ୱର ମହାନଗରର ବହୁ ଅଂଚଳ ବୁଡ଼ିଯାଇ ନାହିଁ ନଥିବା ସମସ୍ୟା ସୃଷ୍ଟି କରିବାସ୍ଥଳେ ଏବେ ମଶା ମାଛି ମାନଙ୍କ ଉପଦ୍ରବ ରାଜଧାନୀବାସୀଙ୍କ ନିଦ ହଜାଇଛି। କେବଳ ତଳି ଅଂଚଳ ନୁହେଁ ସମସ୍ତ ବିକଶିତ ଅଂଚଳରେ ମଧ୍ୟ ମଶା ଦାଉରୁ ରକ୍ଷା ପାଇବାକୁ ବିଏମସି କର୍ତୃପକ୍ଷଙ୍କ ନିକଟରେ ଜନସାଧାରଣ ଚିତ୍କାର କରୁଛନ୍ତି। ସମସ୍ୟାର ଅନ୍ତ ଘଟିବା ପରିବର୍ତେ ଅଧିକରୁ ଅଧିକ ଉତ୍କଟ ହୋଇ ଚାଲିଛି। ମହାନଗର ନିଗମ ମଶାନିବାରଣ କ୍ଷେତ୍ରରେ ଚରମ ଉଦାସୀନତା ପ୍ରଦର୍ଶନ କରୁଛି। ଏହାକୁ ଏକ ନିତିଦିନିଆ ଘଟଣାରୂପେ ବିଚାର କରି ଆବଶ୍ୟକୀୟ ତତ୍ପରତା ପ୍ରକାଶ କରୁନାହିଁ। ଫଳତଃ ମଶା ବଂଶ ଅଭାବନୀୟ ଭାବେ ବଢ଼ି ଚାଲିଛି ଓ ତାହ ସହ ନଗରବାସୀଙ୍କ ଦୁର୍ଦ୍ଦଶା ବି ବଢ଼ି ଚାଲିଛି। କଂଗ୍ରେସ ବିଏମସିରେ ମଶା ଉତ୍ପାଦ ଘଟଣାରେ ଘୋର ଉଦ୍‌ବେଗ ପ୍ରକାଶ କରିବା ସହ ବିଏମସି କତୃପକ୍ଷଙ୍କ ପାରମ୍ପରିକ ଆଭିମୁଖ୍ୟକୁ ଘୋର ନାପସନ୍ଦ କରୁଛି। ଦୀର୍ଘକାଳ ଅବହେଳା କରି ଏବେ ହଟାତ କେତେକ ପଦକ୍ଷେପ ଘୋଷଣା କେବଳ ଆତ୍ମରକ୍ଷା ବ୍ୟତୀତ କିଛି ନୁହେଁ। ମନେରଖିବା ଉଚିତ ଯେ ମହାନଗର ନିଗମବାସୀଙ୍କ ସ୍ୱାସ୍ଥ୍ୟରକ୍ଷା ବିଏମସିର ପ୍ରଥମ ଓ ପ୍ରଧାନ ଦାୟୀତ୍ୱ। ଏ କ୍ଷେତ୍ରରେ ଆଳ ନେଇ ଖସିବା ଉଦ୍ୟମ ଦୁର୍ଭାଗ୍ୟଜନକ। ଆଜି ରାଜଧାନୀରେ ମଶା ଉତ୍ପାତ ସଂକ୍ରାନ୍ତରେ ପୂର୍ବତନ ମନ୍ତ୍ରୀ ତଥା ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା ଏକ ପ୍ରେସ ଇସ୍ତାହାର ଉପରୋକ୍ତ ପ୍ରତିକ୍ରିୟା ସହ କତୃପକ୍ଷଙ୍କୁ କେତୋଟି ପ୍ରଶ୍ନ ପଚାରିଛନ୍ତି। କାହିଁକି ନାହାନ୍ତି ବିଏମସିରେ ବିଶେଷଜ୍ଞ? କାହିଁକି ମଶାଙ୍କ ଲାର୍ଭା ଖାଇବାପାଇଁ ୧୦ବର୍ଷ ହେଲା ବନ୍ଦ ହୋଇଯାଇଛି ରସୁଲଗଡ଼ର ମାଛ ହାଚେରୀ? କାହିଁକି ଅନ୍ୟସୂତ୍ରରୁ ସଂଗ୍ରହ କରି ଅପରିଷ୍କାର ପାଣିରେ ଗଙ୍ଗୁଶିଆ ମାଛ ଓ ପରିଷ୍କାର ପାଣିରେ ଗପି ମାଛ ଛଡ଼ାଯାଉ ନାହିଁ? କାହିଁକି ଆଜି ପର୍ଯ୍ୟନ୍ତ ଶୋଇ ପଡ଼ିଥିଲେ ମଶା ଦଂଶନ ବଢ଼ିଚାଲିଥିବା ସତ୍ୱେ ?ସୁତରାଂ ଯୁଦ୍ଧକାଳୀନ ଭିତିରେ ମଶା ନିପାତ ନିମିତ ପଦକ୍ଷେପ ଗ୍ରହଣ କରିବା ସହ କେବେ ସୁଦ୍ଧା ରାଜଧାନୀବାସୀ ମୁକ୍ତି ପାଇବେ ତାହାର ଠୋସ ଉତର ରଖିବାକୁ ଶ୍ରୀ ବେହେରା ବିଏମସି କର୍ତୃପକ୍ଷଙ୍କୁ ଆହ୍ୱାନ ଦେଇଛନ୍ତି। ନିରୁତର ରହିଲେ କଂଗ୍ରେସ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ପୂର୍ବତନ ମନ୍ତ୍ରୀ ଚେତାଇ ଦେଇଛନ୍ତି।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray